

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୬୧ ● ୧ ଅପ୍ରେଲ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-61 ● 1st April 2026, Wednesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ବିଧାନସଭାରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ

# ବିକାଶ ପଥରେ ଓଡ଼ିଶା : ବାର୍ଷିକ ଅଭିବୃଦ୍ଧି ୯.୫ ପ୍ରତିଶତକୁ ବୃଦ୍ଧି କରିବାକୁ ଲକ୍ଷ୍ୟ



**ଭୁବନେଶ୍ୱର, ୩୧ ।୩**
**ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଗତ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩୨୬୪୭୧, ୭୯, ୫୦, ୦୦୦ ଟଙ୍କାର ବ୍ୟୟ ମଞ୍ଜୁରୀ ବିଲ୍ ଆଲୋଚନା ପରେ ବାଚନିକ ଭୋଟ୍‌ରେ ଗୃହରେ ଅନୁମୋଦନ ଲାଭ କରିଛି । ଦୀର୍ଘ ସମୟ ଧରି ଏହି ବିଲ୍ ଉପରେ ଉଭୟ ବିରୋଧୀ ଓ ଶାସକ ଦଳର ବିଧାୟକମାନେ ଆଲୋଚନାରେ ଭାଗ ନେବା ପରେ ଶେଷରେ ମୁଖ୍ୟମନ୍ତ୍ରୀ ଉତ୍ତର ରଖିଥିଲେ ।

ମୁଖ୍ୟମନ୍ତ୍ରୀ ବଜେଟ୍ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏହି ବଜେଟ୍ କେବଳ ବାର୍ଷିକ ବଜେଟ ନୁହେଁ ବରଂ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଏକ ରୋଡମ୍ୟାପ୍ । ଏଥିରେ ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ରଖାଯାଇଛି । ମହିଳାମାନଙ୍କ ବିକାଶ ପାଇଁ ବଜେଟରେ ୧ ଲକ୍ଷ ୨୨ ହଜାର ୭୬୪ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ କୃଷି କ୍ଷେତ୍ର ପାଇଁ ସର୍ବାଧିକ ୪୨୪୯୨ କୋଟି ଟଙ୍କା ଆବଣ୍ଟନ ହୋଇଛି ।

ସେହିପରି ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମିର ବିକାଶ ପାଇଁ ଅନେକ ନୂଆ ଯୋଜନା ଯଥା 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ', 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଓ 'ଅଟଳ ଏକ୍ସପ୍ରେସୱେ' ଭଳି ମହତ୍ୱାକାଂକ୍ଷୀ ପ୍ରକଳ୍ପ ଉପରେ ସରକାର ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ସେହିପରି (ପୃଷ୍ଠା ୭ରେ)

## ବିରୋଧୀ ଦଳ ଆତ୍ମସମୀକ୍ଷା କରିବା ଉଚିତ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୧ ।୩**
**ନ୍ୟୁଜ୍ ବ୍ୟୁରୋ**

କଟକ ଏସ୍‌ସିବି ମେଡିକାଲରେ ଅଗ୍ନିକାଣ୍ଡ ଜନିତ ରୋଗୀମୃତ୍ୟୁ ଘଟଣା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ ଦଳ ଅଟଳ ରହି ବଜେଟ୍ ଅଧିବେଶନକୁ ଯେପରି ଅଚଳ କଲେ ଏବଂ ବିଧାନସଭା ଚଳାଇବାକୁ ସହଯୋଗ କଲେ ନାହିଁ ତାହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡା ନିନ୍ଦା କରିଛନ୍ତି । ଗଣତନ୍ତ୍ରରେ ବିରୋଧୀ ଦଳ ସକାରାତ୍ମ ଢଙ୍ଗରେ ସରକାରଙ୍କୁ ଗଠନମୂଳକ ସମାଲୋଚନା କରିବା ସହିତ ଗୃହରେ ଆଲୋଚନା କରିବା ପରିବର୍ତ୍ତେ ଯେପରି ଆଚରଣ ପ୍ରଦର୍ଶନ କରିଛନ୍ତି ତାହାକୁ ରାଜ୍ୟବାସୀ ଦେଖିଛନ୍ତି ଏବଂ ଆଗାମୀ ଦିନରେ ତାହାର ଉଚିତ ଜବାବ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମଙ୍ଗଳବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନାର ଉତ୍ତର ଦେବା ବେଳେ ବିରୋଧୀ ଦଳ କକ୍ଷତ୍ୟାଗ କରିଥିଲେ । ବିରୋଧୀ ଦଳଙ୍କ ଅନୁପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ବ୍ୟୟମଞ୍ଜୁରୀ ବିଲ୍ ବାଚନିକ ଭୋଟ୍‌ରେ ଗୃହର ଅନୁମୋଦନ ଲାଭ କରିଥିଲା ।

ବିରୋଧୀ ଦଳକୁ ତୀବ୍ର ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିରୋଧୀ ଦଳ ବିଧାନସଭା ଭିତରେ ଓ ବାହାରେ ଯେଉଁଭଳି ଆଚରଣ ପ୍ରଦର୍ଶନ କରିଛନ୍ତି ଗଣତାନ୍ତ୍ରିକ ପଦ୍ଧତିରେ ଗୃହରେ ଆଲୋଚନାକୁ ନଆସି ଗୃହକୁ ଅଚଳ କରିବା ଭଳି ଯେଉଁ କାମ କରିଛନ୍ତି ତାହାକୁ ରାଜ୍ୟବାସୀ ସବୁ ଦେଖିଛନ୍ତି ଓ ଆଗାମୀ ନିର୍ବାଚନରେ ନିଶ୍ଚିତ ଭାବେ ଏହାର ଉଚିତ୍ ଜବାବ ଦେବେ । ମୁଖ୍ୟମନ୍ତ୍ରୀ ବିଗତ ସରକାରଙ୍କ ସମୟରେ ଘଟିଥିବା ପରି, ମମିତା ମେହେର, ମାହାଙ୍ଗା ଡବଲ ମର୍ଡର ଓ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଭଳି ସଙ୍ଗୀନ ଘଟଣା ସମୟରେ ବିରୋଧୀଙ୍କ ନୈତିକତା କୁଆଡ଼େ ଚୁଲିକୁ ଯାଇଥିଲା ବୋଲି ପ୍ରଶ୍ନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ବିଗତ ସରକାରଙ୍କ ସମୟରେ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଦିନ ଦ୍ୱିପ୍ରହରେ ଗୁଳି ମାରି ହତ୍ୟା କରିବା ଭଳି ଘଟଣା ଘଟିଥିଲା । ସେ ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ନୈତିକତା କଣ ନଥିଲା ବୋଲି ସେ ପ୍ରଶ୍ନ କରିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ସୋମବାର ପିଏମଜି ଠାରେ ବିଜେଡ଼ି- (ପୃଷ୍ଠା ୭ରେ)

# ଆହୁରି ଭୟଙ୍କର ହେଲା ମଧ୍ୟପ୍ରାଚ୍ୟ ମହାଯୁଦ୍ଧ, ମିସାଇଲ୍ ମାଡ଼ରେ ଇସ୍ରାଏଲ୍ ତୈଳ ଭଣ୍ଡାର ଉଡ଼ାଇଲା ଇରାନ

**ତେହେରାନ, ୩୧ ।୩**

ଆଗକୁ ଆହୁରି ଭୟଙ୍କର ହୋଇପାରେ ମଧ୍ୟପ୍ରାଚ୍ୟ ଯୁଦ୍ଧ । ଗ୍ରାଉଣ୍ଡରେ ଲଢ଼େଇ ପାଇଁ ଆମେରିକା ସେନାର ସମରସଜ୍ଜା ଭିତରେ ଆମେରିକା ପ୍ରତିରକ୍ଷା ସଚିବ ରଖିଛନ୍ତି ବଡ଼ ବୟାନ । ସେ କହିଛନ୍ତି, ଟ୍ରମ୍ପ୍ ଆଦୌ ପଛଘୁଞ୍ଚା ଦେବା ଲୋକ ନୁହନ୍ତି । ରାଷ୍ଟ୍ରପତି ଟ୍ରମ୍ପ ଭୁଲ୍ କରନ୍ତି ନାହିଁ କିମ୍ବା ପଛକୁ ହଟନ୍ତି ନାହିଁ । ଯଦି ଇରାନ ବୁଦ୍ଧିମାନ, ତେବେ ତୁରନ୍ତ ଡିଲ୍ ଫାଇନାଲ କରୁ ବୋଲି ଚେତାବନୀ ଦେଇଛନ୍ତି ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ । ଇରାନ ସହିତ ଚାଲିଥିବା ସଂଘର୍ଷରେ ଆଗାମୀ (ପୃଷ୍ଠା ୭ରେ)



## ନିନ୍ଦା ପ୍ରସ୍ତାବ ଗ୍ରହଣ ସହ ଆଲୋଚନା ହେଉ : ବିରୋଧୀ ଦଳ ଉପନେତା

**ଭୁବନେଶ୍ୱର, ୩୧ ।୩**
**ନ୍ୟୁଜ୍ ବ୍ୟୁରୋ**

ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଜନନେତା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ବିଜେପି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ଅସମ୍ମାନ ଓ ଅପମାନ ଜନକ ମନ୍ତବ୍ୟକୁ ଦୃଢ ଭାବେ ବିରୋଧ କରିବା ସଙ୍ଗେ ସଙ୍ଗେ ଦୃଢ ନିନ୍ଦା କରି ତୁମୁଳ ହଟ୍ଟଗୋଳ ସୃଷ୍ଟି କରିଥିଲେ । ଯାହାଫଳରେ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ବାଚସ୍ପତି ସୁରମା ପାଢୀ ଗୃହ କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ବିରୋଧି ଦଳ ଉଭୟ ବିଜେଡ଼ି ଓ କଂଗ୍ରେସ ଦଳର ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ଏକାଠି ହୋଇ ଦୃଢ ପ୍ରତିବାଦ ସହ ନାରାବାଜୀ କରିଥିଲେ । ବାଚସ୍ପତି ଶ୍ରୀମତୀ ପାଢୀ ଗୃହରେ ବିଧାୟକମାନଙ୍କୁ ଶୃଙ୍ଖଳା ରକ୍ଷା ସହ ଗୃହ କାର୍ଯ୍ୟରେ ସହଯୋଗ କରିବା ପାଇଁ ନିବେଦନ କରିଥିଲେ ମଧ ତା'ର ସୁଫଳ ମିଳିନଥିଲା । ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ଘ.୧୦.୫୨ ମିନିଟ୍ ସମୟରେ ଘ.୧୧.୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ପୁନର୍ବାର ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ବିରୋଧି ଦଳର ବିଧାୟକମାନେ ଶୂନ୍ୟକାଳରେ ମଧ୍ୟ ସେମାନଙ୍କର ପ୍ରତିବାଦ (ପୃଷ୍ଠା ୭ରେ)

## ଦୁବେଙ୍କ ମନ୍ତବ୍ୟ କୌଣସି ମତେ ଗ୍ରହଣୀୟ ନୁହେଁ : ଆଇନ ମନ୍ତ୍ରୀ

**ଭୁବନେଶ୍ୱର, ୩୧ ।୩**
**ନ୍ୟୁଜ୍ ବ୍ୟୁରୋ**

ସଂସଦ ବାହାରେ ସାଂସଦ ନିଶିକାନ୍ତ ଦୁବେ ଓଡ଼ିଶାର ବରପୁତ୍ର ମହାନ ସଂଗ୍ରାମୀ ବିଜୁ ପଟ୍ଟନାୟକଙ୍କ ପ୍ରତି ଯେଉଁ ନକାରାତ୍ମକ ଟିପ୍ପଣୀ ଦେଇଛନ୍ତି ତାହା ସରକାରଙ୍କ ସଜ୍ଞାନକୁ ଆସିଛି । ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ତାଙ୍କ ବ୍ୟକ୍ତିଗତ ମତ । ଏଭଳି (ପୃଷ୍ଠା ୭ରେ)

## ଏକାଳ ପଖାଳ



ଉଚ୍ଚବିଦ୍ୟାଳୟ ଆତଙ୍କ ଖେଳାଇ
ଫିଙ୍ଗାହୁଏ ନିଆଁ ଗୁଳା
ଅସୁରକ୍ଷାର ନଗ୍ନ ନମୁନା
ସୁରକ୍ଷାର ଉଡେ ଧ୍ୱଜା
ନେତା ପ୍ରଶାସନ ଧର୍ମଗିଲା
ରାଇଜର ଆଇନିକାନୁନ୍ ଦେହରେ
ଏଇନା ଅସହ୍ୟ ଜ୍ୱାଳା ।

## ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ : ଇନ୍ଧନଠାରୁ ଆରମ୍ଭ କରି ଖାଦ୍ୟ ସାମଗ୍ରୀ ସବୁକିଛି ହେବ ମହଙ୍ଗା !




**ନୂଆଦିଲ୍ଲୀ, ୩୧ ।୩**

ଇରାନ, ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ବର୍ତ୍ତମାନ ଚାଲିଥିବା ଭୀଷଣ ଯୁଦ୍ଧ ଏବେ ବିଶ୍ୱ ଅର୍ଥନୀତି ପାଇଁ ଏକ ବିପଦ ଘଣ୍ଟି ବଜାଇଛି । ଏକ ଗଭୀର ଚିନ୍ତାଜନକ ରିପୋର୍ଟ ଜାରି କରି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ସମଗ୍ର ବିଶ୍ୱକୁ ଚେତାବନୀ ଦେଇଛି ଯେ ନିକଟ ଭବିଷ୍ୟତରେ ମହାଙ୍ଗାମାଡ଼ର ଏକ ଜଟିଳ ପରିସ୍ଥିତି ମାଡ଼ି ଆସୁଛି, ଯାହା ଅର୍ଥନୈତିକ ଅଭିବୃଦ୍ଧିର ଗତିକୁ ମନ୍ଥର କରିଦେବ ।

ବିଶ୍ୱର ପ୍ରାୟ ୨୫-୩୦% ତୈଳ ଏବଂ ଏହାର ୨୦% ଏଲଏନଜି ଯୋଗାଣ ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରେ । ଯଦି ଯୁଦ୍ଧ ଯୋଗୁଁ ଏହି ମାର୍ଗ ବାଧାପ୍ରାପ୍ତ ହୁଏ, ତେବେ ଏସିଆ ଏବଂ ୟୁରୋପର ଶକ୍ତି ଆମଦାନୀକାରୀ ରାଷ୍ଟ୍ରଗୁଡ଼ିକ ପାଇଁ ପରିସ୍ଥିତି ଭୟଙ୍କର ହୋଇପାରେ । ଇନ୍ଧନ ମୂଲ୍ୟ ବୃଦ୍ଧି ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରିବ ଏବଂ ସାଧାରଣ ଜନତାଙ୍କ କ୍ରୟ ଶକ୍ତିକୁ ହ୍ରାସ କରିବ ।

ଆଇଏମଏଫ ଅନୁଯାୟୀ, ଆଫ୍ରିକା ଏବଂ ଏସିଆର ଗରିବ ଦେଶଗୁଡ଼ିକ ସବୁଠାରୁ ଗୁରୁତର ସଙ୍କଟର ସମ୍ମୁଖୀନ ହେଉଛନ୍ତି । ଏଠାରେ କେବଳ ତେଲ ମହଙ୍ଗା ହେଉ ନାହିଁ ବରଂ ଖାଦ୍ୟ ସାମଗ୍ରୀ ଏବଂ ସାରର ବୃଦ୍ଧି ପାଉଥିବା (ପୃଷ୍ଠା ୭ରେ)

## ଉପକୂଳ କୋହଲା: ୪୨ ଡିଗ୍ରୀମୁହାଁ ଟିଟିଲାଗଡ଼

**ଭୁବନେଶ୍ୱର, ୩୧ ।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟକୁ ତାତି ପୁଣି ଫେରିଛି । ଉପକୂଳରେ କୋହଲା ପାଗ ଓ ତାତି କମ୍ ରହୁଥିବା ବେଳେ ପଶ୍ଚିମ ଓଡ଼ିଶା ଜଳୁଛି । ଟିଟିଲାଗଡ଼ ପୁଣି ମଙ୍ଗଳବାର ତାତିରେ ଆଉଟୁପାଉଟୁ ହେବା ଆରମ୍ଭ କରିଛି । ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ଟିଟିଲାଗଡ଼ଠାରେ ୪୧.୮ ଡିଗ୍ରୀ ରେକର୍ଡ କରାଯାଇଛି । ଏଥିସହ ଝାରସୁଗୁଡ଼ାରେ ୪୦.୫ ଡିଗ୍ରୀ, ଭବାନୀପାଟଣା ଓ ବଲାଙ୍ଗୀରରେ ୪୦.୨ ଡିଗ୍ରୀ ଲେଖାଏଁ ଦିନର ତାପମାତ୍ରା ରେକର୍ଡ ହୋଇଛି ।



ସୋନପୁରରେ ୩୯.୯ ଡିଗ୍ରୀ, ସମ୍ବଲପୁରରେ ୩୯.୪ ଡିଗ୍ରୀ, ହୀରାକୁଦରେ ୩୯.୨ ଡିଗ୍ରୀ ଓ ରାଉରକେଲାରେ ୩୮.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଅନ୍ୟପଟେ ରାଜଧାନୀ ଭୁବନେଶ୍ୱରର ଦିନ ତାପମାତ୍ରା ୩୪.୩ ଡିଗ୍ରୀ ଓ କଟକରେ ୩୩.୮ ଡିଗ୍ରୀ ରହିଥିଲା । (ପୃଷ୍ଠା ୭ରେ)




ସତ୍ୟମେବ ଜୟତେ

**ପବିତ୍ର ଓଡ଼ିଶା ଦିବସ-୨୦୨୬ ଅବସରରେ**
**ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ଓଡ଼ିଶା ଦିବସ–୨୦୨୬ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

15001/13/2526



**ଓଡ଼ିଶା ଦିବସ ଅବସରରେ**
**ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

**ଜୟ ଜଗନ୍ନାଥ!**

ଆଜି ଓଡ଼ିଶା ଦିବସ । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅସ୍ମିତା ଓ ସ୍ୱାଭିମାନର ଦିବସ । ଏହି ଅବସରରେ ଓଡ଼ିଶା ତଥା ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ତ୍ୟାଗ ଓ ବଳିଦାନ ରଖିଥିବା ସମସ୍ତ ବରପୁତ୍ରମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଶା ଆଜି ନୂଆ ଆଶା, ନୂଆ ଭରସା ଓ ଗଭୀର ଆତ୍ମବିଶ୍ୱାସର ସହିତ ଆଗକୁ ବଢୁଛି । ୨୦୩୬ ସୁଦ୍ଧା ଆମେ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଛୁ । ଆଗାମୀ ଦଶ ବର୍ଷ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସଂକଳ୍ପର ବର୍ଷ ହେଉ ।

ଆସନ୍ତୁ, ଆମେ ସମସ୍ତେ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ ପାଇଁ ଦୃଢ଼ ସଂକଳ୍ପବଦ୍ଧ ହୋଇ କାମ କରିବା ।

*ବନ୍ଦେ ଉତ୍କଳ ଜନନୀ ।*

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/25-26/0013

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
# ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୬୧ ● ୧ ଅପ୍ରେଲ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-61 ● 1st April 2026, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ବିଧାନସଭାରେ ଉପସ୍ଥାପିତ ହେଲା ସିଏଜି ରିପୋର୍ଟ
# ‘ପୋଷଣ’ ଓ ‘ମଧ୍ୟାହ୍ନଭୋଜନ’ରେ ବ୍ୟାପକ ଅନିୟମିତତା

**ଭୁବନେଶ୍ୱର, ୩୧ ।୩**
**ନ୍ୟୁଜ୍ ବ୍ୟୁରୋ**



ରାଜ୍ୟରେ ଶିଶୁ ଓ ମାତୃ ସ୍ୱାସ୍ଥ୍ୟ ପାଇଁ ଉଦ୍ଦିଷ୍ଟ ‘ପୋଷଣ’ ଅଭିଯାନ ଓ ‘ମଧ୍ୟାହ୍ନଭୋଜନ’ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବାର ତଥ୍ୟ ପଦାକୁ ଆସିଛି । ବିଗତ ସରକାର ସମୟରେ ୨୦୧୮–୧୯ରୁ ୨୦୨୨–୨୩ ଆର୍ଥିକ ବର୍ଷ ମଧ୍ୟରେ ଶିଶୁ, ଗର୍ଭବତୀ, ପ୍ରସୂତୀ ମହିଳା ଓ ସ୍କୁଲ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟରେ କୋଟିକୋଟି ଟଙ୍କାର ଆର୍ଥିକ ହେରଫେର କରାଯାଇଛି । ମଙ୍ଗଳବାର ବିଧାନସଭାରେ ଉପସ୍ଥାପିତ ସିଏଜିଙ୍କ ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ଅଡିଟ୍ ରିପୋର୍ଟରେ ଏହି ଦୁଇ ଯୋଜନାର ନିଚ୍ଛକ ଚିତ୍ର ପଦାକୁ ଆସିଛି । ଯଦିଓ କାଗଜକଲମରେ ରାଜ୍ୟ ସରକାର ଏହି ଦୁଇ ଯୋଜନାକୁ ଶତପ୍ରତିଶତ ସଫଳତା ଦର୍ଶାଇଛନ୍ତି, କିନ୍ତୁ ବାସ୍ତବରେ କୋଟିକୋଟି ଟଙ୍କାର ପାଣ୍ଠି ଅପବ୍ୟବହାର ହୋଇଥିବା ଏହି ରିପୋର୍ଟରେ ଦର୍ଶାଯାଇଛି ।

ରିପୋର୍ଟ ଅନୁସାରେ, ୨୦୧୮–୧୯ରୁ ୨୦୨୨–୨୩ ମସିହା ମଧ୍ୟରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପାଖରେ ୫୧୨୮.୯୫ କୋଟି ଟଙ୍କାର ପାଣ୍ଠି ଥିଲେ ମଧ୍ୟ ସେଥିରୁ ୩୮୧.୪୧ କୋଟି ଟଙ୍କା ଅବ୍ୟବହୃତ ହୋଇ ପଡ଼ି ରହିଥିଲା । ବିନିଯୋଗ ପ୍ରମାଣପତ୍ର(ୟୁସି) ଦାଖଲ କରିବାରେ ୧ରୁ ୪୧୬ ଦିନ ପର୍ଯ୍ୟନ୍ତ ବିଳମ୍ବ ହେବା ଯୋଗୁଁ କେନ୍ଦ୍ର ସରକାର ପ୍ରାୟ ୩୩୯.୨୦ କୋଟି ଟଙ୍କାର ଅନୁଦାନ କାଟି ଦେଇଥିଲେ । ଏଥିଯୋଗୁ ପ୍ରଶାସନିକ (ପୃଷ୍ଠା ୭ରେ)

# ସରିଲା ଡେଡ୍ ଲାଇନ୍, ଏଥର ସିଧା ଏନକାଉଣ୍ଟର

**ଭୁବନେଶ୍ୱର, ୩୧ ।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଆଉ କିଛି ହାତ ଗଣତି ମାଓବାଦୀ ଅଛନ୍ତି । ସେମାନଙ୍କୁ ସୁରକ୍ଷାକର୍ମୀମାନେ ଜଙ୍ଗଲରେ ଘେରି ରହିଛନ୍ତି । ଯେପର୍ଯ୍ୟନ୍ତ ସେମାନଙ୍କୁ କାବୁ କରାଯାଇ ନାହିଁ, ସେପର୍ଯ୍ୟନ୍ତ ଅପରେସନ ଜାରି ରହିବ । ମଙ୍ଗଳବାର ଡେଡଲାଇନ ସରୁଛି । ଆଉ ସେମାନେ ଆତ୍ମସମର୍ପଣ କରିପାରିବେନି । ଏବେ ସିଧା ଏନକାଉଣ୍ଟର ହେବ ବୋଲି କହିଛନ୍ତି ଆଣ୍ଟି ନକ୍ସଲ ଅପରେସନ ଏଡିଜି ସଞ୍ଜୀବ ପଣ୍ଡା ।



ସେ କହିଛନ୍ତି ଯେ ୨୦୨୫ ଆରମ୍ଭରୁ ୯ଟି ଜିଲ୍ଲା ମାଓ ପ୍ରଭାବିତ (ପୃଷ୍ଠା ୭ରେ)

# ରାସନ ଦୋକାନରେ ପୁଣି ମିଳିବ କିରୋସିନ

**ନୂଆଦିଲ୍ଲୀ, ୩୧ ।୩**

ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ ଶକ୍ତି ଯୋଗାଣ ନେଇ ଚିନ୍ତାକୁ ଆହୁରି ଘନୀଭୂତ କରିଛି । ଏହି ଶକ୍ତି ସଙ୍କଟ ମଧ୍ୟରେ ସରକାର ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

କେନ୍ଦ୍ର ସରକାର ଘୋଷଣା କରିଛନ୍ତି ଯେ ଦିଲ୍ଲୀ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଗୁଜରାଟ ସମେତ ୨୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ରାସନ ଦୋକାନ ଏବଂ କିଛି ପେଟ୍ରୋଲ ପମ୍ପରେ କିରୋସିନ ପୁଣି ଉପଲବ୍ଧ ହେବ । ବିଶ୍ୱ ସ୍ତରରେ ଶକ୍ତି ଏବଂ ଏଲପିଜି ଯୋଗାଣରେ ବାଧା ସୃଷ୍ଟି ହୋଇଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି । ଏହି ରାଜ୍ୟଗୁଡ଼ିକ ହେଲା ହରିୟାଣା, ପଞ୍ଜାବ, ରାଜସ୍ଥାନ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଗୋଆ, ଗୁଜରାଟ, ସିକିମ ଏବଂ ନାଗାଲାଣ୍ଡରେ କିରୋସିନ ଉପଲବ୍ଧ ହେବ । ଏହା ବ୍ୟତୀତ, କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ହେଲା ଦିଲ୍ଲୀ, ଚଣ୍ଡିଗଡ଼, ଜମ୍ମୁ ଏବଂ କାଶ୍ମୀର, ଲଦାଖ, ପୁଡୁଚେରୀ, ଲାକ୍ଷାଦ୍ୱୀପ, ଦାଦ୍ରା ଏବଂ ନଗର ହାବେଳୀ, ଦାମନ ଏବଂ ଦିଉ ଏବଂ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ଅନ୍ତର୍ଭୁକ୍ତ ।

ସରକାର ଏହି ଯୋଜନା ୬୦ ଦିନ ପାଇଁ ଆରମ୍ଭ କରିଛନ୍ତି, ଯାହା ମାର୍ଚ୍ଚ ୨୯ ତାରିଖରୁ ଆରମ୍ଭ ହୋଇ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ବୈଧ । ଏହି (ପୃଷ୍ଠା ୭ରେ)

# ଇରାନ ସହ ଯୁଦ୍ଧ ସମାପ୍ତ କରିବାକୁ ପ୍ରସ୍ତୁତ: ଟ୍ରମ୍ପ

**ୱାଶିଂଟନ, ୩୧ ।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏକ ନୂତନ ରଣନୀତି ପ୍ରସ୍ତୁତ କରିଛନ୍ତି । ଟ୍ରମ୍ପ ତାଙ୍କ ସହଯୋଗୀମାନଙ୍କୁ କହିଛନ୍ତି ଯେ ସେ ଇରାନ ସହିତ ଯୁଦ୍ଧ ସମାପ୍ତ କରିବାକୁ ପ୍ରସ୍ତୁତ । ଯଦିଓ ହର୍ମୁଜ୍ ପ୍ରଣାଳୀ ବନ୍ଦ ରହେ । ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ଅନୁଯାୟୀ, ହର୍ମୁଜ୍ ପ୍ରଣାଳୀକୁ ବଳପୂର୍ବକ ଖୋଲିବା ଏକ ଦୀର୍ଘ ଏବଂ ବିପଦପୂର୍ଣ୍ଣ କାର୍ଯ୍ୟ ହେବ । ଯାହା ଟ୍ରମ୍ପଙ୍କ ପକ୍ଷରେ ନୁହେଁ । ଇରାନର ନୌସେନା, କ୍ଷେପଣାସ୍ତ୍ର ଭଣ୍ଡାର, ପ୍ରତିରକ୍ଷା ଶିଳ୍ପ ଏବଂ ଆକ୍ରମଣାତ୍ମକ କ୍ଷମତାକୁ ନଷ୍ଟ କରିବା ନୂଆ ରଣନୀତିର ଲକ୍ଷ୍ୟ । ଏହା ଇରାନକୁ କୂଟନୀତି ମାଧ୍ୟମରେ ହର୍ମୁଜ୍ ପ୍ରଣାଳୀ ଖୋଲିବାକୁ ବାଧ୍ୟ କରିବ । ଏହା ବିଶ୍ୱାସ କରାଯାଏ ଯେ ଗତ ରାତିର ଇସଫାହାନରେ ବଙ୍କର ବଷ୍ଟର ଆକ୍ରମଣ ସେହି ପ୍ରକ୍ରିୟାର ଆରମ୍ଭ । ଯଦି ଇରାନ ସମ୍ପୂର୍ଣ୍ଣ ଅନିଚ୍ଛୁକ ହୁଏ, ତେବେ ହର୍ମୁଜ୍ ଦେଇ ଜାହାଜ ଚଳାଚଳ ପୁନଃସ୍ଥାପିତ କରିବାର ଦାୟିତ୍ୱ ୟୁରୋପ ଏବଂ ଉପସାଗରୀୟ ଦେଶମାନଙ୍କ ଉପରେ ପଡ଼ିବ । ଯେଉଁମାନେ ଏହାର ସବୁଠାରୁ ବଡ଼ ଲାଭାର୍ଥୀ । ହ୍ୱାଇଟ୍ ହାଉସର ଏହି ଦାବି ବିଶ୍ୱ ଅର୍ଥନୀତିକୁ ଆହୁରି ଧକ୍କା ଦେଇପାରେ ।

## ଦୁଇ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**ଭୁବନେଶ୍ୱର, ୩୧ ।୩**
**ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ବାମରା ତହସିଲର ସୁଶୀଲ ନାଏକ (ପିତା- ନବକିଶୋର ନାଏକ) ଏବଂ ଭିକାରୀ ଚରଣ ବେହେରା (ପିତା- ଗୋବର୍ଦ୍ଧନ ବେହେରା)ଙ୍କର ଦୁଃଖଦ ଘଟଣାରେ ପ୍ରାଣହାନୀ ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ପ୍ରତି ମୃତକଙ୍କ (ପୃଷ୍ଠା ୭ରେ)

## ଆଇଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୩୧ ।୩**
**ନ୍ୟୁଜ୍ ବ୍ୟୁରୋ**

ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳ ବଦଳ କଲେ ରାଜ୍ୟ ସରକାର । ଭାସ୍କର ଜ୍ୟୋତି ଶର୍ମାଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ସଚିବ ଦାୟିତ୍ୱ ଦିଆଯାଇଥିବା ବେଳେ ଓପିଟିସିଏଲର ସିଏମଡି ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ଅନ୍ୟପକ୍ଷେ, ସିଇଓ ଆର ସନ୍ଥ ଗୋପାଳନଙ୍କୁ ଓଏସବିସିଏଲ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।

# ନାଳନ୍ଦାର ମେଳାରେ ଦଳାଚକଟା : ୮ ମୃତ
## କ୍ଷତିପୂରଣ ଘୋଷଣା କଲେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ

**ପାଟନା, ୩୧ ।୩**

ବିହାରର ନାଳନ୍ଦା ଜିଲ୍ଲାର ମାଘରା ଗ୍ରାମରେ ଥିବା ମାତା ଶୀତଳାଷ୍ଟମୀ ମନ୍ଦିରରେ ମଙ୍ଗଳବାର ଦିନ ଏକ ବିଶାଳ ଭିଡ଼ ମଧ୍ୟରେ ଦଳାଚକଟା ଘଟି ୮ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ବେଳେ ୬ରୁ ଅଧିକ ଆହତ ହୋଇଛନ୍ତି । ତଥାପି, ପ୍ରଶାସନ ପକ୍ଷରୁ ମୃତକଙ୍କ ସଂଖ୍ୟା ଆନୁଷ୍ଠାନିକ ଭାବରେ ନିଶ୍ଚିତ କରାଯାଇ ନାହିଁ ।

ଏହି ଘଟଣା ପରେ ମନ୍ଦିର ପରିସର ଏବଂ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା । ଆହତମାନଙ୍କୁ ଚିକିତ୍ସା ପାଇଁ ତୁରନ୍ତ ମଡେଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସମସ୍ତ ମୃତକ ମହିଳା ବୋଲି ଜଣାପଡ଼ିଛି । ଏପର୍ଯ୍ୟନ୍ତ ମୃତକଙ୍କ ମଧ୍ୟରୁ ଦୁଇଜଣଙ୍କ ପରିଚୟ ମିଳିଛି । ସେମାନେ ହେଲେ ସକୁନ୍ତ ବିହାରର ବାସିନ୍ଦା ଦିନେଶ ରଜକଙ୍କ ପତ୍ନୀ ୫୦ ବର୍ଷୀୟା ରୀତା ଦେବୀ ଏବଂ ମଥୁରାପୁର (ନୁରସରାଇ) (ପୃଷ୍ଠା ୭ରେ)



ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଟଙ୍କା ୯୫ ପାର୍ ସାଧାରଣ ଜନତାଙ୍କୁ ଝଟ୍‌କା

ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘମାଘୋଟ ଭାରତୀୟ ବଜାରରେ ସୃଷ୍ଟି କରିଛି କମ୍ପନ। ଦୁର୍ବଳ ହୋଇଚାଲିଛି ଟଙ୍କା । ତୈଳ ଦର ଉପରମୁହାଁ ଏପଟେ ପୁଞ୍ଜି ବଜାର ଥରହର। ଏସବୁ ମଧ୍ୟରେ ଅର୍ଥନୀତିରେ ଘୋଟି ଆସିଲାଣି ଅନିଶ୍ଚିତତାର କଳାବାଦଲ। ଆମେରିକା ଡଲାର ତୁଳନାରେ ଆଜି ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ପ୍ରଥମ ଥର ୯୫ ସ୍ତର ପାର୍ କରିଯାଇଛି । ସୋମବାର ୮୮ ପଇସା ଖସି ୯୫.୫୮ ସ୍ତରକୁ ଆସିଯାଇଛି ଭାରତୀୟ ମୁଦ୍ରା । ଇରାନ ସହିତ ଆମେରିକା ଏବଂ ଇସ୍ରାଏଲର ଯୁଦ୍ଧ ଯୋଗୁ ବଜାରରେ ଦେଖାଦେଇଛି ଅସ୍ଥିରତା । ମାସକରେ ପାଖାପାଖି ୪% ଖସିଗଲାଣି ଟଙ୍କା । ଚଳିତ ଆର୍ଥିକବର୍ଷରେ ଏହା ୧୦%ରୁ ଅଧିକ ଦୁର୍ବଳ ହୋଇଯାଇଛି । ଟଙ୍କା ଦୁର୍ବଳ ହେବା ଦ୍ୱାରା ଅର୍ଥନୀତିରେ ବଡ଼ ପ୍ରଭାବ ଦେଖିବାକୁ ମିଳିବ । ପ୍ରଭାବିତ ହେବେ ସାଧାରଣ ଜନତା । ବିଦେଶରୁ ଆମଦାନି ହେଉଥିବା ସାମଗ୍ରୀ ଯଥା ମୋବାଇଲ, ସୁନା, ରୁପା, ଅଶୋଧିତ ତୈଳ କ୍ରୟ ମହଙ୍ଗା ହୋଇଯିବ । ଫଳରେ ଦରଦାମ ଆହୁରି ତେଜିବ । ବିଶେଷଜ୍ଞଙ୍କ ମତରେ ଟଙ୍କା ଦୁର୍ବଳ ହେବାର ଅନେକ କାରଣ ରହିଛି । ଉପସାଗରୀୟ ରାଷ୍ଟ୍ରଗୁଡ଼ିକର ଶକ୍ତି ଭିତ୍ତିଭୂମି ଉପରେ ଇରାନର ହମଲା ପରେ ବ୍ୟାରେଲ ପିଛା ବ୍ରେଣ୍ଟ କ୍ରୁଡ୍ ଦର ୧୧୦ ଡଲାର ପାର କରିଯାଇଛି । ଭାରତ ଏହାର ଆବଶ୍ୟକତାର ୮୫% ତୈଳ ଆମଦାନି କରିଥାଏ, ଯେଉଁଥିପାଇଁ ଏହା ଡଲାରରେ ପେମେଣ୍ଟ କରେ । ତେଲ ମହଙ୍ଗା ହେବା ଦ୍ୱାରା ଡଲାର ଚାହିଦା ବୃଦ୍ଧି ପାଇଛି ଏବଂ ଟଙ୍କା ଦୁର୍ବଳ ହୋଇଯାଇଛି। ସେହିଭଳି ବିଦେଶ ପୋର୍ଟଫୋଲିଓ ନିବେଶକ (ଏଫ୍‌ଆଇଆଇ) ମାନେ ମାର୍ଚ୍ଚରେ ଏଯାବତ ଭାରତୀୟ ସେୟାର ବଜାରରୁ ପ୍ରାୟ ୧୨.୩ ବିଲିୟନ ଡଲାର (ପାଖାପାଖି ୧.୧୫ ଲକ୍ଷ କୋଟି ଟଙ୍କା) ଉଠାଇ ସାରିଲେଣି । ବିଶ୍ୱ ବଜାରରେ ଅନିଶ୍ଚିତତା ଏବଂ ଯୁଦ୍ଧ ଭୟରେ ବିଦେଶୀ ନିବେଶକ ଭାରତ ଭଳି ବିକାଶମୁଖୀ ବଜାରରୁ ଟଙ୍କା ଉଠାଇ ସୁରକ୍ଷିତ ସ୍ଥାନ ଯେପରି ଆମେରିକୀୟ ବଣ୍ଡରେ ନିବେଶକ କରୁଛନ୍ତି। ଏତେ ମାତ୍ରାରେ ସେୟାର ବିକ୍ରି କାରଣରୁ ବି ଟଙ୍କା ଉପରେ ଚାପ ବୃଦ୍ଧି ପାଇଛି । ହୋର୍ମୁଜ ଜଳମାର୍ଗରେ ଅଶାନ୍ତ ବାତାବରଣ ଟଙ୍କାର ପତନର ଅନ୍ୟ ଏକ କାରଣ ହୋଇପାରେ । ଏହି ମାର୍ଗ ଦେଇ ବିଶ୍ୱର ପ୍ରାୟ ୨୦% ଏବଂ ଭାରତର ପ୍ରାୟ ଅଧା ତେଲ ପରିବହନ ହୋଇଥାଏ । ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବର୍ଦ୍ଧିତ ଅଶାନ୍ତି କାରଣରୁ ଏ ମାର୍ଗରେ ତୈଳ ଯୋଗାଣ ବାଧା ପାଇଛି । ବଜାର ବିଶେଷଜ୍ଞଙ୍କ କହିବାନୁସାରେ, ଯେ ପର୍ଯ୍ୟନ୍ତ ସାମୁଦ୍ରିକ ମାର୍ଗରେ ସ୍ଥିତି ସ୍ୱଚ୍ଛ ନ ହୁଏ, ସେ ପର୍ଯ୍ୟନ୍ତ ଟଙ୍କାରେ ଉତ୍ଥାନ ପତନ ଜାରି ରହିବ । ଅର୍ଥନୀତିଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, ଶକ୍ତି ଦର ବଢ଼ିବା ସହିତ ଭାରତର ବିକାଶ ହାର କମିପାରେ । ଶକ୍ତି ଦର ଲଗାତର ବଢ଼ିବା ଦ୍ୱାରା ଦରଦାମ ତେଜିବ ଏବଂ ଭାରତର ଅଭିବୃଦ୍ଧି ହାର ସଂକୁଚିତ ହେବ । ଆର୍ବିଆଇ ପାଇଁ ସୁଧ ହାରରେ ହ୍ରାସ କରିବା ବି କଷ୍ଟକର ହୋଇଯିବ । ଟଙ୍କା ଦୁର୍ବଳ ହେବା ଦ୍ୱାରା ଭାରତର ଆମଦାନି ବିଲ୍ ବଢ଼ିଯିବ । ଅଶୋଧିତ ତୈଳ ଭଳି ସାମଗ୍ରୀ ପାଇଁ ଅଧିକ ଦେୟ ପଡ଼ିବ । ଏହାବ୍ୟତୀତ ବିଦେଶରୁ ଆମଦାନି ହେଉଥିବା ମୋବାଇଲ, ଲାପଟପ ଭଳି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ମହଙ୍ଗା ହେବ । ବିଦେଶରେ ପାଠପଢ଼ା ବ୍ୟୟବହୁଳ ହେବ । ଟଙ୍କା ଦୁର୍ବଳ ହେବା ଦ୍ୱାରା ରପ୍ତାନିକାରୀଙ୍କୁ ଲାଭ ହେବ । ଆଇଟି ଶିଳ୍ପ, ଫାର୍ମା ଏବଂ ପୋଷାକ ଉଦ୍ୟୋଗଗୁଡ଼ିକୁ ସେମାନଙ୍କ ସେବା ତଥା ଉତ୍ପାଦ ବଦଳରେ ଡଲାରରେ ପେମେଣ୍ଟ ମିଳିଥାଏ । ଯେତେବେଳେ ସେମାନେ ଉକ୍ତ ଡଲାରକୁ ଟଙ୍କାରେ ବଦଳାଇବେ, ସେମାନଙ୍କୁ ପୂର୍ବ ତୁଳନାରେ ଅଧିକ ଟଙ୍କା ମିଳିବ ।

# "ବନ୍ଦେ ଉତ୍କଳ ଜନନୀ"– ଓଡ଼ିଆ ସ୍ୱାଭିମାନର ଗାଥା



ଡକ୍ଟର ଅଜୟ କୁମାର ନନ୍ଦ
(ସହକାରୀ ପ୍ରଧ୍ୟାପକ ଓ ଉପ ବିତ୍ତ ଅଧିକାରୀ)
କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ajayakumarnanda@gmail.com

ଦେବଭୂମି ଓଡିଶାର ଭୌଗୋଳିକ ଅବସ୍ଥିତି ଅତ୍ୟନ୍ତ ନିଆରା। ପୃଥିବୀର ପୂର୍ବରେ ଅବସ୍ଥିତ ବୃହତ୍ ଭୂଖଣ୍ଡ ହେଉଛି ଭାରତ। ଭାରତର ପୂର୍ବରେ "ଓଡିଶା" ଭଳି ଏକ ଶାନ୍ତିପ୍ରିୟ ରାଜ୍ୟ। ସେହିପରି ଓଡ଼ିଶାର ପୂର୍ବରେ ଅବସ୍ଥିତ ପବିତ୍ର ଧାମ ହେଉଛି "ପୁରୀ"। ସେହିପରି ପୁରୀଜିଲ୍ଲା ର ଠିକ୍ ପୂର୍ବରେ ଅବସ୍ଥିତ "ଶ୍ରୀମନ୍ଦିର" ଯେଉଁଠାରେ ଜଗତର ନାଥ ତଥା ବିଶ୍ୱ ବ୍ରହ୍ମାଣ୍ଡର ଠାକୁର ଚତୁର୍ଦ୍ଧା ମୂର୍ତ୍ତି ପୂଜା ପାଉଛନ୍ତି। ଅର୍ଥାତ୍ ପୂର୍ବ ଦିଗ ହେଉଛି ଦେବତାଙ୍କ ଅତି ପ୍ରିୟ ସ୍ଥାନ, ଯେଉଁଠି ସକାରାତ୍ମକ ଶକ୍ତିଉତ୍ସ ବିକିରଣ ହୋଇଥାଏ, ଯାହା ଭକ୍ତଙ୍କୁ ଭଗବତ୍ ପ୍ରେମରେ ସର୍ବଦା ଉଦବୁଦ୍ଧ କରେ। ଏହି ପବିତ୍ର ମାଟି ସ୍ପର୍ଶରେ ମହା ପ୍ରତାପୀ 'ସମ୍ରାଟ ଅଶୋକ' ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ । ଏ ମାଟିରେ ଜନ୍ମିତ ସନ୍ଥ କବି ଭୀମ ଭୋଇଙ୍କ ମାନବ ସେବା ପାଇଁ ଉତ୍ସର୍ଗୀକୃତ ବାଣୀ "ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ" ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ସର୍ବଜନବିଦିତ। ସେହିପରି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଘରେ ଘରେ ପରିଚିତ, ଯାହା ଓଡ଼ିଆ ସଂସ୍କାରକୁ ପରିମାର୍ଜିତ କରିବା ସହିତ ଭଗବତପ୍ରେମୀ ହେବାରେ ସାହାଯ୍ୟ କରେ। ଯଥାର୍ଥରେ କହିବାକୁ ଗଲେ ଏ ରାଜ୍ୟ ଓଡ଼ିଶା ହେଉଛି ଆଧ୍ୟାତ୍ମିକ ତଥା ବୌଦ୍ଧିକ ଭିତ୍ତିଭୂମିର ପ୍ରୟୋଗଶାଳା। ଓଡ଼ିଶାର ଆଉ ଏକ ସ୍ୱତନ୍ତ୍ରତା ହେଉଛି ୧୩ ଆଦିମ ଜନଜାତି ସମେତ ୬୨ ପ୍ରକାରର ଜନଜାତି ବସବାସ କରନ୍ତି। ଆଜିବି ସମ୍ବଲପୁରର ରସରକେଲି, ରଙ୍ଗବତୀ ଗୀତ ଶୁଣିଲେ ଯେକୌଣସି ଲୋକର ହୃତସ୍ପନ୍ଦନ ବଢାଇଦିଏ, ଏପରିକି ପକ୍ଷଘାତ ରୋଗୀ ସେ ଗୀତ ଶୁଣିଲେ ତା ଶରୀର ଚହଲିଯାଏ । କୋରାପୁଟ 'କଫି' ର ଚାହିଦା ବିଦେଶରେ ବେଶୀ ଆଦର। ଓଡ଼ିଶାର ଉଚ୍ଚତମ ପର୍ବତ କୋରାପୁଟ ର "ଦେଓମାଳି" ପର୍ବତର ପ୍ରାକୃତିକ ପରିବେଶ ବେଶ୍ ମନୋମୁଗ୍ଧକର। ଓଡ଼ିଶାର କାଶ୍ମୀର–ଫୁଲବାଣୀର ଦାରିଙ୍ଗବାଡ଼ି, ଯିଏ ଥରେ ଯାଇଛି ତା 'ପାଇଁ ଅଭୁଲା ସ୍ମୃତି ହୋଇ ରହିଯାଏ । କଳା ଓ ସଂସ୍କୃତି ପ୍ରିୟ ରାଜ୍ୟ ଓଡ଼ିଶାର କୋଣ ଅନୁକୋଣରେ ପାଳିତ ବିଭିନ୍ନ ଯାନିଯାତ୍ରା। ଓଡ଼ିଶାର ବିଭିନ୍ନ ଜିଲ୍ଲାର ଖାଦ୍ୟ ପାନୀୟ ସ୍ୱତନ୍ତ୍ରତା ଏବେବି ବଜାୟ ରହିଛି। ଅପରପକ୍ଷେ ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶାର ଅଧିବାସୀମାନେ ଅତ୍ୟନ୍ତ ସରଳ ଓ ସ୍ୱାଭୀମାନି , ଧନରେ ଗରିବ ହେଲେ ମଧ୍ୟ ମନରେ ଅଶେଷ ଧନୀ। ପରକୁ ଆପଣାର କରିବାର ମାନସିକତା ରେ ବଶବର୍ତ୍ତୀ ହୋଇ, ଅନ୍ୟକୁ ନିସ୍ୱାର୍ଥପର ଭାବେ ସାହାଯ୍ୟ ସହାନୁଭୂତି ଦେଇ ହୃଦୟ ଜିଣି ନିଅନ୍ତି, ଯାହା ହେଉଛି ଓଡ଼ିଆଙ୍କ ଏକ ମହାନୀୟତା। ବସୁଧୈବ କୁଟୁମ୍ବକମ୍ ଭଳି ଐଶ୍ୱରିକ ଭାବନାରେ ସମସ୍ତଙ୍କ ପ୍ରିୟପାତ୍ର ହେବା ହେଉଛି ଓଡ଼ିଶାବାସୀଙ୍କ ଏକ ବିଶେଷଗୁଣ, ଯାହା ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ଦେଶ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ବିଦ୍ରୋହ ବହ୍ନି "ପାଇକ ବିଦ୍ରୋହ" ଖୋର୍ଦ୍ଧାଗଡ଼ ପାଇକଙ୍କ ବୀରତ୍ୱ ଗାଥା, ଜୟୀରାଜଗୁରୁ ସାହସିକତା ଭାରତ ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଶା ଦେଖାଇଥିଲା। ଏହି ସାହସୀ ଅଧିବାସୀ ଦିନେ ନିଜର ରାଜ୍ୟକୁ ପରାଧୀନ ମୁକ୍ତ କରିବା ସହ ନିଜ ଭାଷାକୁ ରାଷ୍ଟ୍ରିୟ ମାନ୍ୟତା ଦେବା ପାଇଁ କେତେ ଯେ କଷ୍ଟ ସହିବାକୁ ପଡ଼ିଛି ତା'ର ହିସାବ ନାହିଁ। ଏମିତି ଏକ ଅପ୍ରତ୍ୟାଶିତ ଖୁସି ଓ ଆନନ୍ଦ ଦିନ ଥିଲା ୧୯୩୬ ମସିହା ଏପ୍ରିଲ ୧ ତାରିଖ , ସମଗ୍ର ଓଡ଼ିଆ ଜାତିର ଏକ ସ୍ମରଣୀୟ ଦିନ, ବାଣ ରୋଷଣୀରେ ଉତ୍ସବ ମୁଖରିତ ହୋଇ ଆମେ ପାଳିଲେ ଉତ୍କଳ ଦିବସ ବା ଓଡିଶା ଦିବସ । ଇତିହାସ କହେ ଉତ୍କଳ, କଳିଙ୍ଗ, ତୋଷଳ, ଉଡ୍ର ଇତ୍ୟାଦିରୁ ପରିବର୍ତ୍ତିତ ହୋଇ ହୋଇଛି ଆମ ରାଜ୍ୟ ଓଡିଶା । ଏଥିପାଇଁ ସବୁ ଓଡ଼ିଆଙ୍କ ଛାତି କୁଣ୍ଢେମୋଟ କାହିଁକି ନା ସମଗ୍ର ଭାରତ ବର୍ଷରେ ଭାଷାକୁ ନେଇ ପ୍ରଥମ ରାଜ୍ୟ ଥିଲା ଓଡିଶା । ସେଥିପାଇଁ ଆମେ ହେଉଛୁ ଖାଣ୍ଟି ଓଡ଼ିଆ ଆମ ଭାଷା ଭାରି ବଢ଼ିଆ। ଯେଉଁ ଭାଷାକୁ ନେଇ ଆମର ପରିଚୟ, ତାହାକୁ ବଞ୍ଚେଇ ରଖିବାରେ ଆଜିକାଲି ଆଧୁନିକ ସମାଜ ଅସମର୍ଥ। ବର୍ତ୍ତମାନର ପିଢ଼ି ନିଜକୁ ଓଡ଼ିଆ ଭାବେ ପରିଚୟ ଦେବା ଓ ତାଙ୍କ ଜ୍ଞାନ ଗାରିମାକୁ ଉପଯୋଗ କରି ପାଇଥିବା ଦାମିକା ସାର୍ଟିଫିକେଟକୁ ହାଲୁକା କରିବାକୁ ଆଦୌ ଚାହୁଁନାହାନ୍ତି । କଥା କଥାରେ ଇଂରାଜୀ, ହିନ୍ଦୀ ଓ ମଝିରେ ଓଡ଼ିଆ ମିଶା ଖେଚୁଡ଼ି ଭାଷା କହି ନିଜକୁ ଉଚ୍ଚ ଶିକ୍ଷିତ ପରିଚୟ ଦେଉଛନ୍ତି । ଓଡ଼ିଆ ଭାଷା ବଞ୍ଚି ରହିବା ଓ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟପାଇଁ ଯେଉଁମାନଙ୍କର ଅବଦାନ ସେମାନଙ୍କ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାଶ, ପଣ୍ଡିତ ନୀଳକଣ୍ଠ ଦାସ, ବ୍ୟାସକବି ଫକୀରମୋହନ, ସ୍ୱଭାବକବି ଗଙ୍ଗାଧର ମେହେର, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ପାଇକ ବୀର ବକ୍ସିଜଗବନ୍ଧୁ ଇତ୍ୟାଦିଙ୍କ ଦେଶପ୍ରେମ, ତ୍ୟାଗ, ବଳିଦାନ ଓ ସାଧନା ଫଳସ୍ୱରୂପ ଆମେ ପାଇଛେ ଆମ ଜାତିର ପରିଚୟ । ଓଡ଼ିଆଙ୍କ ପରିଚୟ ସୃଷ୍ଟି କରିବାରେ ସର୍ବପ୍ରଥମେ ସାହସ ଜୁଟାଇ ସମସ୍ତ ଓଡ଼ିଆ ଜାତିକୁ ଏକାଠି କରିବାର ମସୁଧା ରଚିଥିଲେ ଉତ୍କଳଗୌରବ ମଧୁସୂଦନ । ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ କରି, ଓଡ଼ିଆ ଭାଷାକୁ ଶାଣିତ କରି ଓଡ଼ିଆଙ୍କ ନାର୍ଯ୍ୟ ଦାବିକୁ ବାରମ୍ବାର ଉପସ୍ଥାପନ କରୁଥିଲେ ବିଭିନ୍ନ ମହଲରେ, ଦୀର୍ଘ ୩୩ ବର୍ଷର ନିରବଚ୍ଛିନ୍ନ ଲଢ଼େଇ ସାଙ୍ଗକୁ ଅକ୍ଲାନ୍ତ ପରିଶ୍ରମ ଶେଷରେ ଇଂରେଜଙ୍କୁ ବାଧ କରିଥିଲା 'ଓଡ଼ିଆ ଜାତିର ମାନ୍ୟତା' ତାହା ଥିଲା ୧୯୩୬ ମସିହା ଏପ୍ରିଲ ୧ ତାରିଖ । ଏ ରାଜ୍ୟ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବା ଇତି ମଧ୍ୟରେ ନବେ ବର୍ଷ ବିତିବାକୁ ଯାଉଥିବାବେଳେ ଦେଶ ସ୍ୱାଧୀନ ହେବା ଅଠସ୍ତରୀ ବର୍ଷ ବିତିଗଲାଣି । ଏଥିରୁ ସ୍ପଷ୍ଟ ଅନୁମାନ ଭାରତ ସ୍ୱାଧୀନତା ଆନ୍ଦୋଳନର ଏନ୍ତୁଡ଼ିଶାଳ ଓଡିଶା ରାଜ୍ୟ ଓ ଓଡ଼ିଆ ପାଇକଙ୍କ ବୀରତ୍ୱ ଇଂରେଜମାନଙ୍କୁ ଦୁର୍ବଳ କରିବାରେ ଅନେକ ସହାୟ ହେଉଥିଲା । ଯେଉଁ ମାନଙ୍କ ତ୍ୟାଗ, ସାଧନା ଓ ତପସ୍ୟାର ଫଳ ସ୍ୱରୂପ ଓଡିଶା ଆଜି ସ୍ୱତନ୍ତ୍ର ରାଜ୍ୟ ପରିଚୟ ପାଇଛି, ସେହି ବରପୁତ୍ର ମାନଙ୍କୁ ଆଜିର ଦିନରେ ସମଗ୍ର ଓଡିଆ ଜାତି ନତମସ୍ତକ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି । ବିଡମ୍ବନାର ବିଷୟ ଏହିକି ଯେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇବା ପୂର୍ବରୁ ଏହାର ମୁଖ୍ୟ ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁ ଏ ଧରାଧାମରୁ ଆଗ ପଛ ହୋଇ ଆରପାରିକୁ ଚାଲିଯାଇଥିଲେ ଏବଂ ସେମାନଙ୍କ ସୁନ୍ଦର ପରିକଳ୍ପନାର ଓଡ଼ିଶା ଦେଖିବା ପାଇଁ ବୋଧେ ଆୟୁଷ ନିଅଣ୍ଟ ପଡିଲା। ସେତେବେଳେର ବିସ୍ତୃତ ଓଡିଶା ଥିଲା 'ଗଙ୍ଗାରୁ ଗୋଦାବରୀ' କିନ୍ତୁ ଆମେ ବାସ କରୁଥିବା ଆଜିର ଓଡ଼ିଶା ଖୁବ ସଂକୀର୍ଣ୍ଣ ହୋଇ ଯାଇଛି । ସବୁ ପରେ ଆମର ସୌଭାଗ୍ୟ ଯେ ପ୍ରକୃତିର ଭୌଗୋଳିକ ସ୍ଥିତି ଓ ଈଶ୍ୱରଙ୍କ ଆପର କରୁଣାରୁ ଖଣିଜ ସମ୍ପଦ, ଅରଣ୍ୟ ସମ୍ପଦ, ଜଳ ସମ୍ପଦ ବିସ୍ତୃତ ସମୁଦ୍ର ବେଳାଭୂମି ସହିତ ଆମର ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରା ଆଦି ବିଭିନ୍ନ କ୍ଷେତ୍ରରେ ବେଶ୍ ଶକ୍ତିଶାଳୀ । ଓଡିଶୀ ନୃତ୍ୟ ଆଦର ଦେଶବିଦେଶ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଆମର ଏକ ବିଡମ୍ବନା ଯେ ଆମେ ଈଶ୍ୱରଙ୍କ ସୃଷ୍ଟ ଧନୀ ରାଜ୍ୟରେ ଜନ୍ମ ହୋଇ ଆମେ ଗରିବ ଭାବେ ବଞ୍ଚିଛେ । ଓଡିଶା ଥିବା ସମସ୍ତ ସମ୍ପଦର ସାମଗ୍ରିକ ବିକାଶ ନହେବା ପର୍ଯ୍ୟନ୍ତ ଆମେ ପଛୁଆ ରାଜ୍ୟର ମାନସିକତାରେ ଛନ୍ଦି ହୋଇ ରହିବା । ଏବେ ସୁଦ୍ଧା ସରକାରୀ ଦପ୍ତରରେ ଓଡିଆ ଭାଷା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏବେବି ଓଡିଶାର ଅନେକ ଅଞ୍ଚଳ ପଡୋଶୀ ରାଜ୍ୟ କବଳରୁ ମୁକ୍ତ ନୁହେଁ, ଯାହା ଭାରତ ଭଳି ସଂଘୀୟ ରାଷ୍ଟ୍ରରେ ଆଦୌ ଶୋଭାପାଏ ନାହିଁ। କେନ୍ଦ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଲେ ଅନେକ ସମସ୍ୟା ଟଳି ପାରନ୍ତା। ଏବେ ସମୟ ଆସିଛି ଓଡିଆ ଭାଷା ପ୍ରତି ଆମର ମାନସିକତା ପରିବର୍ତ୍ତନ କରି "ନବଉତ୍କଳ" ଗଢିବାରେ ସହଭାଗିତା ହେବା। ବନ୍ଦେ ଉତ୍କଳ ଜନନୀ।

# ଉତ୍କଳ ଦିବସର ଐତିହାସିକ ମହତ୍ତ୍ୱ



ଅସିତ ମହାନ୍ତି
ଆବାହକ , ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

ଓଡ଼ିଶା ରାଜ୍ୟର ଲୋକମାନେ ପ୍ରତିବର୍ଷ ଏପ୍ରିଲ ୧ ତାରିଖରେ ଉତ୍କଳ ଦିବସ ବା ଓଡ଼ିଶା ଦିବସ ପାଳନ କରି ରାଜ୍ୟର ଗୌରବମୟ ଅତୀତକୁ ସ୍ମରଣ କରି ରାଜନୈତିକ ସଂଗ୍ରାମକୁ ସମ୍ମାନ ଜଣାନ୍ତି । ଭାରତୀୟ ମାଟିରେ ଏକ ସ୍ୱାଧୀନ ରାଜନୈତିକ ସଂସ୍ଥା ଭାବରେ ରାଜ୍ୟ ଉତ୍ପନ୍ନ ହେବାର ଯେଉଁ ସୁଯୋଗ ସୃଷ୍ଟି ହୋଇଥିଲା ଏବଂ ଏହାପରେ ଲୋକଙ୍କ ମଧ୍ୟରେ ଅଧିକ ଏକତା ଏବଂ ସୌହାର୍ଦ୍ଦ୍ୟ ଭାବନାକୁ ଏହି ଦିବସ ଆହୁରି ନିକଟତର କରେ । ବାସ୍ତବରେ ଓଡ଼ିଶାର ଇତିହାସ ଅତ୍ୟନ୍ତ ପ୍ରାଚୀନ ଏବଂ ସେହି ଦୃଷ୍ଟିରୁ ଏହାର ବିକାଶର ଧାରାବାହିକତାକୁ ନବୁଝିଲେ ନୂତନ ଓଡିଶାକୁ ବୁଝିବା କଷ୍ଟକର ହୋଇପାରେ । ଏହାର ରାଜନୈତିକ, ସାମାଜିକ ଏବଂ ଭାଷାଗତ ଦିଗରୁ ଯଦି ଦେଖାଯାଏ , ସଂଘର୍ଷ ଅତ୍ୟନ୍ତ କଠୋର ହୋଇଛି । ଆଜିର ନୂତନ ଓଡିଶାର ଯେଉଁ ଚିତ୍ର ଆମେ ଦେଖିବାକୁ ପାଉଛୁ , ତା ପଛରେ ଅସଂଖ୍ୟ ମନୀଷୀ ମାନଙ୍କର ଯୋଗଦାନ ରହିଛି । ଏହାର ପ୍ରଗତିରେ ଅନେକ ଝଡ ଝଞ୍ଜା ଏବଂ ଏଥିରୁ ପାର ପାଇବାପାଇଁ ଯେଉଁମାନେ ନେତୃତ୍ୱ ଦେଇଥିଲେ ସେମାନଙ୍କର ମୂଲ୍ୟାଙ୍କନ କରିବାର ଦିନ ହେଉଛି ୧ ଏପ୍ରିଲ ।

ପ୍ରାଚୀନ କାଳରୁ ମଧ୍ୟଯୁଗ ପର୍ଯ୍ୟନ୍ତ ଓଡ଼ିଶାର ରାଜ୍ୟ କଳିଙ୍ଗ, ଉତ୍କଳ, ଉତ କରାତ, ଓଡ୍ର , ଓଦ୍ର, ଓଡ୍ରଦେଶ , ଓଡ, ଓଡ଼ରାଷ୍ଟ୍ର , ତ୍ରିକଳିଙ୍ଗ, ଦକ୍ଷିଣ କୋସଳ, କଙ୍ଗୋଦ, ତୋସାଳି, ଛେଦି ନାମରେ ଜଣାଶୁଣା ଥିଲା। ବର୍ତ୍ତମାନର ନାମ ଓଡ଼ିଶା ପୂର୍ବରୁ ମଧ୍ୟଯୁଗରୁ ଏହି ରାଜ୍ୟ 'ଓରିଶା' ଭାବରେ ଜଣାଶୁଣା ଥିଲା, ଯାହାକି ନଭେମ୍ବର ୪, ୨୦୧୧ ରେ ଆନୁଷ୍ଠାନିକ ଭାବରେ 'ଓଡିଶା' ରେ ପରିବର୍ତ୍ତିତ ହୋଇଥିଲା।

ଇତିହାସ ପୃଷ୍ଠାରୁ ଜଣାଯାଏ ଯେ ରାଜକୁମାର କଳିଙ୍ଗ ଉତ୍ତର ସରକାର ସମେତ ଉପକୂଳ ଓଡିଶାର ବର୍ତ୍ତମାନର ଅଞ୍ଚଳରେ କଳିଙ୍ଗ ରାଜ୍ୟ ପ୍ରତିଷ୍ଠା କରିଥିଲେ। ଟୋଲେମି, ପ୍ଲିନି ଦି ଏଲ୍ଡର୍ ଏବଂ କ୍ଲାଉଡିୟସ୍ ଆଲିଆନାସ୍ ମଧ୍ୟ ସେମାନଙ୍କ ଗ୍ରନ୍ଥରେ କଳିଙ୍ଗ ବିଷୟରେ ଉଲ୍ଲେଖ କରିଛନ୍ତି । ଭାଷାଭିତ୍ତିକ ଭିତ୍ତିରେ ୧୯୩୬ ମସିହାରେ ଏହାର ରାଜନୈତିକ ପରିଚୟକୁ ଏକ ପୃଥକ ରାଜ୍ୟ ଭାବରେ ଗ୍ରହଣ କରିବାକୁ ଆସିଥିବା ଓଡିଶା ରାଜ୍ୟର ଏକ ସମୃଦ୍ଧ ପରମ୍ପରା ଏବଂ ଇତିହାସ ରହିଛି। ଖ୍ରୀଷ୍ଟପୂର୍ବ ୨୬୧ ରେ ମଗଧ ସାମ୍ରାଜ୍ୟର ରାଜା ଅଶୋକଙ୍କ ରାଜତ୍ୱରୁ ଏହି ଅଞ୍ଚଳ ଅନୁସନ୍ଧାନ କରାଯାଇପାରେ, ଯେତେବେଳେ ଏହା ବିସ୍ତାରିତ ମୌର୍ଯ୍ୟ ଶାସନର ଏକ ଅଂଶ ହୋଇଥିଲା। ଇତିହାସ ସୂଚିତ କରେ ଯେ ବର୍ତ୍ତମାନର ଓଡ଼ିଶା ପ୍ରାଚୀନ କଳିଙ୍ଗର ଏକ ପ୍ରମୁଖ ଅଂଶ ଥିଲା । ରାଜା ଅଶୋକଙ୍କ ନେତୃତ୍ୱରେ ଏହି ଅଞ୍ଚଳ 'କଳିଙ୍ଗ ଯୁଦ୍ଧ' ର ସାକ୍ଷୀ ହୋଇଥିଲା। ଯିଏ ଖ୍ରୀଷ୍ଟପୂର୍ବ ୨୬୦ରେ ଏହି ଅଞ୍ଚଳ ଉପରେ ଆକ୍ରମଣ କରିଥିଲେ ଏବଂ ଜୟ କରିଥିଲେ। ପରେ, ବ୍ରିଟିଶମାନେ ଏହି ଅଞ୍ଚଳର ପ୍ରଶାସନିକ କ୍ଷମତା ଗ୍ରହଣ ନକରିବା ପର୍ଯ୍ୟନ୍ତ ଏବଂ ୧୮୦୩ ମସିହାରେ ଏହାକୁ ଛୋଟ ୟୁନିଟରେ ବିଭକ୍ତ କରିବା ପର୍ଯ୍ୟନ୍ତ ମୋଗଲମାନଙ୍କ ଦ୍ୱାରା ରାଜ୍ୟ ଆକ୍ରମଣ କରାଯାଇଥିଲା ଏବଂ ଅଧିକୃତ ହୋଇଥିଲା। ପଶ୍ଚିମ ଏବଂ ଉତ୍ତର ଜିଲ୍ଲାଗୁଡ଼ିକ ବଙ୍ଗଳାର ଏକ ଅଂଶ ହୋଇଥିବାବେଳେ ଉପକୂଳବର୍ତ୍ତୀ ଅଞ୍ଚଳ ବିହାର ଏବଂ ଓଡିଶାର (ସେତେବେଳେ ଓଡ଼ିଶା ନାମରେ ଜଣାଶୁଣା) ଗଠନ କରିଥିଲା। ଓଡ଼ିଶାର ପୂର୍ବ ରାଜଧାନୀ କଟକ ଥିଲାବେଳେ ବର୍ତ୍ତମାନର ରାଜଧାନୀ ଭୁବନେଶ୍ୱର। ଆଦିବାସୀ ଜନସଂଖ୍ୟା ଦୃଷ୍ଟିରୁ ଓଡିଶା ଦେଶର ତୃତୀୟ ରାଜ୍ୟ ଅଟେ। ବିଭିନ୍ନ ଶାସକ ରାଜ୍ୟକୁ ଶାସନ କରିଥିଲେ। ରାଜ୍ୟର ୩୧ % ରୁ ଅଧିକ ଜଙ୍ଗଲ ଦ୍ୱାରା ଆବଦ୍ଧ । ଓଡିଆ ଭାରତୀୟ ଭାଷା ପରିବାରର ପୂର୍ବ ଗୋଷ୍ଠୀର ଏବଂ ଅର୍ଦ୍ଧ–ମଗଧୀ ପ୍ରାକୃତରୁ ଉତ୍ପନ୍ନ । ଦଶମ ଶତାବ୍ଦୀରେ ଏହା ଏକ ପୃଥକ ଭାଷା ଭାବରେ ଉଭା ହୋଇଥିବା କୁହାଯାଉଛି। ପରବର୍ତ୍ତୀ ଶତାବ୍ଦୀରେ, ଏହା ମୁଖ୍ୟତଃ ଦ୍ରାବିଡ଼ ଭାଷା, ଆରବୀ, ପାର୍ସୀ ଏବଂ ଇଂରାଜୀ ସହିତ ସଂସ୍ପର୍ଶରେ ଆସିଥିଲା । ଫକୀର ମୋହନ ସେନାପତି ଓଡିଆର ସ୍ୱତନ୍ତ୍ର ପରିଚୟ ପ୍ରତିଷ୍ଠା କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ, ଯାହା ମୁଖ୍ୟତଃ ଭାରତୀୟ ରାଜ୍ୟ ଓଡ଼ିଶାରେ କଥିତ ଭାଷା। ଫକିର ମୋହନ ସେନାପତିଙ୍କୁ ଓଡିଆ ଜାତୀୟତା ଏବଂ ଆଧୁନିକ ଓଡିଆ ସାହିତ୍ୟର ପିତା ଭାବରେ ବିବେଚନା କରାଯାଏ। ଅର୍ଥାତ ଉତ୍କଳର ବ୍ୟାସ କବି ହେଉଛନ୍ତି ଫକୀର ମୋହନ । ବର୍ତ୍ତମାନର ଓଡ଼ିଶା ରାଜ୍ୟ ଏହାର ନାମ ଓଡ୍ରା ଜନଜାତିରୁ ଆସିଛି ଯାହା ରାଜ୍ୟର କେନ୍ଦ୍ରୀୟ ଅଞ୍ଚଳରେ ବାସ କରୁଥିଲା। ମୂଳତଃ ଏହି ରାଜ୍ୟକୁ ଓଡ଼ିଶା କୁହାଯାଉଥିଲା, ଯାହା ଆଜି ବିଷୁବ ମିଳନ ନାମରେ ମଧ୍ୟ ଜଣାଶୁଣା । ଏହି ପୃଥକ ରାଜ୍ୟରେ ମୁଖ୍ୟ ବିପ୍ଳବ ତିନି ଦଶନ୍ଧି ଧରି ଉତ୍କଳ ସମ୍ମିଳନୀ ଗଠନ ଦିନଠାରୁ ଜାରି ରହିଥିଲା ଯାହା ଏକ ଅଲଗା ଓଡ଼ିଶା ପ୍ରଦେଶର ମୂଳଦୁଆ ପକାଇଲା। ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି ଗୋପାବନ୍ଧୁ ଦାସ, ମହାରାଜା ଶ୍ରୀ ରାମ ଚନ୍ଦ୍ର ଭଞ୍ଜ ଦେଓ, ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି, ପଣ୍ଡିତ ନିଳକଣ୍ଠ ଦାସ, ଫକିର ମୋହନ ସେନାପତି, ଦେୱାନ ଅଥର୍ ମହମ୍ମଦ, ଗଙ୍ଗାଧର ମେହେର, ସୟିଦ ମହମ୍ମଦ, ବାସୁଦେବ ସୁଢଳଦେବ, ରାଧାନାଥ ରାୟ, ଏ ପି ପାତ୍ର ଏବଂ ଅନେକ ଜନସାଧାରଣଙ୍କ ସହଯୋଗରେ ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟଟି ହୋଇଥିଲା । ନୂତନ ଭାବେ ଗଠିତ ଓଡିଶାରେ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଏବଂ ଗଞ୍ଜାମ ନାମକ ୬ଟି ଜିଲ୍ଲା ରହିଥିଲା। ଜନ୍ ଅଷ୍ଟିନ ହବବ୍ୟାକ୍ ଶପଥ ଗ୍ରହଣ କରି ଓଡିଶା ପ୍ରଦେଶର ପ୍ରଥମ ରାଜ୍ୟପାଳ ହୋଇଥିଲେ । ଓଡିଆ ଭାଷାର ପ୍ରଥମ ମହାନ କବି ଥିଲେ ଝଙ୍କଡ଼ ନିବାସୀ ସାରଳା ଦାସ ଯିଏ ଦେବୀ ଦୁର୍ଗାଙ୍କ ପ୍ରଶଂସା କରି ଚଣ୍ଡୀ ପୁରାଣ ଏବଂ ବିଲଙ୍କା ରାମାୟଣ ରଚନା କରିଥିଲେ। ଅର୍ଜୁନ ଦାସଙ୍କ ଦ୍ୱାରା ଲିଖିତ ରାମ–ବିବାହ ହେଉଛି ଓଡିଆ ଭାଷାର ପ୍ରଥମ ଲମ୍ବା କବିତା । ପ୍ରାରମ୍ଭିକ ଅବଧିରୁ ପ୍ରାୟ ୧୭୦୦ ପର୍ଯ୍ୟନ୍ତ ସମୟ ଓଡିଆ ସାହିତ୍ୟରେ ପଞ୍ଚସାଖା ଯୁଗ ଭାବରେ ଜଣାଶୁଣା । ଏହି ଯୁଗ ଶ୍ରୀ ଚୈତନ୍ୟଙ୍କ ବୈଷ୍ଣବ ଧର୍ମର ପ୍ରଚାରରୁ ଆରମ୍ଭ ହୋଇଥିଲା। ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଅନନ୍ତ ଦାସ ଏବଂ ଅଚ୍ୟୁତାନନ୍ଦ ଦାସ – ଏହି ପାଞ୍ଚଜଣଙ୍କୁ ପଞ୍ଚସାଖା କୁହାଯାଏ। ଏହିମାନେ ଓଡ଼ିଆ ଭାଷା ଦ୍ୱାରା ଓଡ଼ିଆକୁ ଜନମାନସରେ ପହଞ୍ଚାଇବାରେ ଅନେକ ପରିଶ୍ରମ କରିଛନ୍ତି । ଏଥିରୁ ଜଣାପଡେ ଯେ ନୂତନ ଓଡିଶା ଗଠନ ପ୍ରକ୍ରିୟାରେ ଭାଷା ଆନ୍ଦୋଳନର ଭୂମିକା ଅତୁଳନୀୟ । ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ପରେ ମଧ୍ୟ ଓଡିଆଭାଷା ଆଜି ଅବହେଳିତ । ଏହା କାହିଁକି ? ଆଜିର ଦିନରେ ଏହାର କାରଣ ଉପରେ ବିଚାର ଆବଶ୍ୟକ। ଯେଉଁ ଭାବେ ହିନ୍ଦୀ ଏବଂ ଇଂରାଜୀ ଭାଷା ନିଜର ପ୍ରଭାବ ବିସ୍ତାର କରିବାରେ ସଫଳ ହୋଇପାରିଛି , ସେହି ଭାବେ ଓଡ଼ିଆ ଭାଷା ପଛରେ ରହିଛି । ଓଡ଼ିଆ ଭାଷାକୁ ଶିଖରରେ ପହଞ୍ଚାଇବାକୁ ହେଲେ ମିଳିତ ଭାବେ ଭାଷା କ୍ଷେତ୍ରରେ ହୋଇଥିବା ଆନ୍ଦୋଳନକୁ ପୁନଃ ଜାଗ୍ରତ କରିବାକୁ ହେବ । ଯଦିଓ ଓଡ଼ିଶାର ଅନେକ ଜ୍ଞାନୀ ଗୁଣି ବ୍ୟକ୍ତିତ୍ୱ ଏହି କ୍ଷେତ୍ରରେ କାର୍ଯ୍ୟରତ ।କିନ୍ତୁ ତାହା ଯଥେଷ୍ଟ ନୁହେଁ । ଏହି କ୍ଷେତ୍ରରେ ଓଡ଼ିଆ ଭାଷାରେ ଜ୍ଞାନ ବିଜ୍ଞାନର ଚର୍ଚ୍ଚା ଅତ୍ୟନ୍ତ ଆବଶ୍ୟକ । ସାହିତ୍ୟ , ବିଜ୍ଞାନ , ସାମାଜିକ ବିଜ୍ଞାନ , କଳା ଏବଂ ଜୀବନର ସମସ୍ତ ଦିଗକୁ ବ୍ୟାପ୍ତ ହୋଇଥିବା ଜ୍ଞାନକୁ ଓଡ଼ିଆ ଭାଷାରେ ଲେଖି ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ହେବ । ଏହି କ୍ଷେତ୍ରରେ ଦୁଇଟି ଓଡ଼ିଆ ମାସିକ ଇ–ପତ୍ରିକା ଆହ୍ୱାନ,ବେଦାନ୍ତୀ ଏବଂ ଗୋଟିଏ ତ୍ରୈମାସିକ ଇ–ପତ୍ରିକା ମଲ୍ହାର ସ୍ୱାଗତଯୋଗ୍ୟ କାର୍ଯ୍ୟ କରୁଛନ୍ତି। ଏହି ପତ୍ରିକା ମାଧ୍ୟମରେ ଓଡ଼ିଶାର ଅନେକ ଲୋକ ଓଡ଼ିଆ ରେ ଲେଖିବା ପାଇଁ ଆଗ୍ରହୀ ହେଉଛନ୍ତି । ବାସ୍ତବରେ ଐତିହାସିକ ଭାବେ ଓଡ଼ିଶାର ଯେଉଁ ନମସ୍ୟ ମନୀଷୀ ମାନେ ଓଡ଼ିଆ ଭାଷାକୁ ନେଇ ଯେଉଁ ସଂଘର୍ଷ କରି ନୂତନ ଓଡିଶା ତିଆରି କରିବାରେ ମହତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ , ସେମାନଙ୍କ ପରେ ଆମେ ସେହି ସଂଘର୍ଷକୁ ଛାଡି ଦେଲୁ । ଏହାହିଁ ହେଉଛି କାରଣ ଅନ୍ୟ ଭାଷା ଗୁଡିକ ନିଜର ପ୍ରଭାବ ବିସ୍ତାର କରିବାରେ ସଫଳ ହୋଇପାରିଲେ ଏବଂ ସେହି ଭାଷା ଗୁଡିକୁ ଆମେ ଓଡ଼ିଆ ଭାଷା ସହିତ ମିଶାଇ କହିବାକୁ ଲାଗିଲୁ । ଆଜିର ଏହି ଐତିହାସିକ ଦିନରେ ଓଡ଼ିଆ ଭାଷାକୁ ଏକ ସମୃଦ୍ଧ ଭାଷା ଭାବେ ଗଢି ତୋଳିବା ପାଇଁ ଆମ ସମସ୍ତଙ୍କୁ ଶପଥ ନେବା ଉଚିତ , କାରଣ ଏକ ସମୃଦ୍ଧ ଭାଷା ଏକ ସମୃଦ୍ଧ ରାଜ୍ୟର ପରିଚୟ ।

# ଏକ ହିଁ ଧ୍ୱନି 'ବନ୍ଦେ ଉତ୍କଳ ଜନନୀ'



ଶ୍ରୀହେମନ୍ତ କୁମାର ଗନ୍ତାୟତ
ଅଧ୍ୟାପକ
ଆସିକା ,ଗଞ୍ଜାମ
ମୋ–୯୮୬୧୩୩୪୮୬୮

ପରମ ପାବନ ହେଉଛି ଆମ ଭାରତବର୍ଷ । ଏହି ଭାରତବର୍ଷରେ ସୁଶୋଭିତ ଏ ଉତ୍କଳ ଦେଶ ଭୂଖଣ୍ଡ । ଏପରି ଭୂଖଣ୍ଡ ଏ ମହୀତଳେ ଦେଖିବା ଅତ୍ୟନ୍ତ ବିରଳ। ତେଣୁ କପିଳ ସଂହିତାରେ କୁହା ଯାଇଛି ଯେ:

ବର୍ଷାଣାଂ ଭାରତ ଶ୍ରେଷ୍ଠ ଦେଶାନାଂ ଉତ୍କଳ ସ୍ମୃତଃ ।
ଉତ୍କଳସ୍ୟ ସମୋ ଦେଶୋ, ଦେଶଃ ନାସ୍ତି ମହୀତଳେ

ଏହି ଭୂମି ଜାତି ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖିଛି। ଏହି ଭୂମି ଦିନେ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ରୂପାନ୍ତରିତ କରିଦେଇଥିଲା, ତେଣୁ ଏ ଧର୍ମର ଭୂମି। କେବଳ ଏ ଭୂମି ଧର୍ମର ଭୂମି ନୁହେଁ; ଅପିତୁ ତ୍ୟାଗର ଭୂମି, ତପଃର ଭୂମି, ଜ୍ଞାନର ଭୂମି, ବିଜ୍ଞାନର ଭୂମି, ବୀରଙ୍କର ଭୂମି, ଶକ୍ତି, ଭକ୍ତି ଓ ମୁକ୍ତିର ଭୂମି ଏବଂ ସର୍ବାଦୌ ମହାପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିତ୍ୟ ମାନବୀୟ ଲୀଳାର ଭୂମି। ଏହାର ଇତିହାସ, ସଂସ୍କୃତି ଓ ପରମ୍ପରା ଅତୀବ ପ୍ରାଚୀନ। ଯାହାର ଦୃଷ୍ଟାନ୍ତ ମହର୍ଷି ବେଦବ୍ୟାସଙ୍କ ବିରଚିତ ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ଦେଖିବାକୁ ମିଳେ:

ଉତ୍କଳୋନାମ ଦେଶୋଽସ୍ତି ଖ୍ୟାତଃ ପରମପାବନଃ ।
ଯତ୍ର ତୀର୍ଥାନ୍ୟନେକାନି ପୁଣ୍ୟାନ୍ୟାୟତନାନି ଚ । ୨ ।

ଏହି ଶ୍ଳୋକରେ ଜୈମିନି ମୁନି ଉତ୍କଳ ଦେଶର ମହିମା ବର୍ଣ୍ଣନାକରି କହିଛନ୍ତି ଯେ, ଉତ୍କଳ ନାମରେ ଏ'ପରି ଏକ ପରମ ପାବନ ଦେଶ ରହିଛି, ଯା'ର ଖ୍ୟାତି ଚତୁର୍ଦ୍ଦିଗରେ ସୁବିଦିତ। ଯେଉଁଠାରେ ଅନେକ ଗୁଡ଼ିଏ ପବିତ୍ର ତୀର୍ଥସ୍ଥାନ ଏବଂ ପୁଣ୍ୟମୟ ଦେବାଳୟାଦି ମଧ୍ୟ ରହିଆସିଛି । ତା' ସହିତ ସ୍ଥାନ ଓ ପାତ୍ରର ମଧ୍ୟ ବିଶେଷତା କହିଛନ୍ତି।

ଦକ୍ଷିଣସ୍ୟୋଦଧେସ୍ତୀରେ ସ ତୁ ଦେଶଃ ପ୍ରତିଷ୍ଠିତଃ ।
ଯତ୍ର ସ୍ଥିତା ବୈପୁରୁଷାଃ ସଦାଚାରନିଦର୍ଶନାଃ । ୩ ।

ଏହି ଭୂଖଣ୍ଡ ଭାରତବର୍ଷର ଦକ୍ଷିଣ ସମୁଦ୍ର କୂଳରେ ଅବସ୍ଥିତ। ଯେଉଁଠାରେ ବସବାସ କରୁଥିବା ମନୁଷ୍ୟମାନେ ଅତ୍ୟନ୍ତ ସଦାଚାର ବା ଉତ୍ତମ ଆଚରଣର ଜ୍ୱଳନ୍ତ ନିଦର୍ଶନ ଅଟନ୍ତି । ସେ'ପରି ପ୍ରାଚୀନ ବୌଦ୍ଧ ସାହିତ୍ୟ ଯଥା 'ମହାଗୋବିନ୍ଦ ସୁତ୍ତାନ୍ତ' ଏବଂ ବିଭିନ୍ନ 'ଜାତକ' ଗଳ୍ପରେ ଉତ୍କଳ ଓ କଳିଙ୍ଗର ବର୍ଣ୍ଣନା ରହିଛି। ଏ ପ୍ରଦେଶର ଲିଖିତ ଇତିହାସ ଆରମ୍ଭ ହେବା ପୂର୍ବରୁ, ଏହା ଏକ ଶକ୍ତିଶାଳୀ ଜନପଦ ଭାବରେ ପ୍ରତିଷ୍ଠିତ ହୋଇ ରହିଥିଲା। ଯା'ର ଉତ୍କୃଷ୍ଟ କଳା ଏବଂ ଶିଳ୍ପ ନୈପୁଣ୍ୟତା ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିବା ଯୋଗୁଁ ଏହାର ନାମ ଉତ୍କଳ ବୋଲି କୁହାଯାଇଛି।

ଇତିହାସ ପୃଷ୍ଠାରେ ଦେଖିବାକୁ ମିଳେ ଯେ, ସୂର୍ଯ୍ୟବଂଶୀୟ ଗଜପତି କପିଳେନ୍ଦ୍ରଦେବଙ୍କ ସମୟରେ ଓଡ଼ିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସୁବିସ୍ତୃତ ରହିଥିଲା। ପୁରୁଷୋତ୍ତମ ଦେବ ଏବଂ ପ୍ରତାପରୁଦ୍ର ଦେବ ମଧ୍ୟ ଏହି ବଂଶର ମହାନ ଶାସକମାନେ ଥିଲେ। ପରନ୍ତୁ ମୁକୁନ୍ଦ ଦେବଙ୍କ ପରେ ଏ ରାଜ୍ୟ ଆଫଗାନ ଏବଂ ତା'ପରେ ମୋଗଲମାନଙ୍କ ଅଧୀନକୁ ଚାଲିଯାଇଥିଲା। ଏହାପରେ ମରହଟ୍ଟାମାନେ ଓଡ଼ିଶାକୁ ଦଖଲ କରିଥିଲେ କିନ୍ତୁ ସେମାନଙ୍କ ଶାସନ ସମୟରେ ଚାରିଆଡ଼େ ଅରାଜକତା ଦେଖାଦେବାକୁ ଲାଗିଲା, ଏହାର ସୁଯୋଗ ନେଇ ବ୍ରିଟିଶମାନେ ୧୮୦୩ ମସିହାରେ ମରହଟ୍ଟାମାନଙ୍କୁ ପରାସ୍ତ କରି ଓଡ଼ିଶାକୁ ଦଖଲ କରିଥିଲେ। ବ୍ରିଟିଶ ପ୍ରଶାସନ ଫଳରେ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଏକ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ଇତିମଧ୍ୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଗୁଡ଼ିକ ବିଭିନ୍ନ ପଡୋଶୀ ପ୍ରଦେଶ ସହ ମିଶି ଯାଇଥିଲା।

ବର୍ତ୍ତମାନର ଭାଷାଭିତ୍ତିକ ଓଡ଼ିଆ ପ୍ରଦେଶ ବ୍ରିଟିଶ ଶାସନ କାଳରେ ,ଏହାର କେତେକ ଅଞ୍ଚଳ ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଓ ମାଡ୍ରାସ ପ୍ରେସିଡେନ୍ସିର ଅଧୀନରେ ବିଭାଜିତ ହୋଇ ରହିଥିଲା। ଏହି ପ୍ରଦେଶର ଭାଷା ଓ ପରିଚୟକୁ ବଞ୍ଚାଇବା ପାଇଁ ତତ୍କାଳୀନ ଉତ୍କଳର ବରପୁତ୍ରମାନେ ଯଥା: ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି ଗୋପବନ୍ଧୁ ଦାଶ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ବ୍ୟାସକବି ଫକୀର ମୋହନ ସେନାପତି, ରାଧାନାଥ ରାୟ ଓ ଗଙ୍ଗାଧର ମେହେର ପ୍ରଭୃତି ସଙ୍ଘର୍ଷ କରିଥିଲେ। ଯା'ର ପ୍ରଥମ ଲକ୍ଷ୍ୟ ଥିଲା ବିଚ୍ଛିନ୍ନ ଓଡ଼ିଶାକୁ ଏକ ଭାଷା ଭିତ୍ତିକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିବା। ତେଣୁ ମଧୁସୂଦନ ଦାସଙ୍କ ଦ୍ୱାରା ୧୯୦୩ ମସିହାରେ ଏହାର ପ୍ରଥମ ସମ୍ମିଳନୀ କଟକର ଇଦଗା ପଡିଆରେ ଅନୁଷ୍ଠିତ ହୋଇଥିଲା । ଏହି ଅନୁଷ୍ଠାନର ପ୍ରମୁଖ ନେତୃବର୍ଗଙ୍କ ନେତୃତ୍ୱ ଦ୍ୱାରା ଦୀର୍ଘ ବର୍ଷର ସଂଘର୍ଷ ପରେ, ୧୯୩୬ ମସିହା ଅପ୍ରେଲ ମାସର ୧ ତାରିଖ ଦିନ ଓଡ଼ିଶା ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଗଠିତ ହେଲା। ଯା'ଫଳରେ ଏ ପ୍ରାଚୀନ ସମୃଦ୍ଧ ଓଡ଼ିଆ ଭାଷା, ବିଶ୍ୱ ଦରବାରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଲା। ଏହି ଭାଷାର ମହତ୍ତ୍ୱକୁ ହୃଦୟଙ୍ଗମ କରି ୨୦ ଫେବୃଆରୀ ୨୦୧୪ ତାରିଖ ଦିନ କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟତାର ମାନ୍ୟତା ଦେଇଥିଲେ ଏବଂ ମାର୍ଚ୍ଚ ୧୧ତାରିଖ ଦିନ, ଏ ନେଇ ଗାଜେଟ ନୋଟିଫିକେସନ ଜାରି କରାଯାଇଥିଲା। ସଂସ୍କୃତ, ତାମିଲ, ତେଲୁଗୁ, କନ୍ନଡ ଏବଂ ମାଲାୟାଲମ୍ ଭାଷା ପରେ ଏହି ଗୌରବ ଅର୍ଜନ କରିଥିବା ଷଷ୍ଠ ଭାରତୀୟ ଭାଷା ହେଉଛି ଓଡ଼ିଆ। ଯାର ସାହିତ୍ୟ ଅତ୍ୟନ୍ତ ବ୍ୟାପକ ଅଟେ। ତେଣୁ କୁହାଯାଉଛି:

ଶାସ୍ତ୍ରୀୟ ମୋ ଭାଷା ଅତୀବ ସରସା
ଉଡ଼ାଏ ସଂସାରେ ନେତ
ସାହିତ୍ୟ ଯାହାର ନାହିଁ ପଟାନ୍ତର
ଜଗନ୍ନାଥ ଭାଗବତ
କହଇ ହେମନ୍ତ ଗର୍ବେ
ଓଡ଼ିଆର କବି ଅତି ଅନୁଭବି
ଭଞ୍ଜ ବଳଦେବ ସର୍ବେ ॥

ସାରଳା ଦାସଙ୍କ ମହାଭାରତ ଓ ଜଗନ୍ନାଥ ଦାସଙ୍କ ଭାଗବତ ଠାରୁ ଆରମ୍ଭ କରି ବଳରାମ ଦାସଙ୍କ ଜଗମୋହନ ରାମାୟଣ ଏବଂ ଉପେନ୍ଦ୍ର ଭଞ୍ଜଙ୍କ ରୀତି ସାହିତ୍ୟ ପର୍ଯ୍ୟନ୍ତ ସବୁକିଛି ଓଡ଼ିଆ ଭାଷାର ଶାସ୍ତ୍ରୀୟତାକୁ ପ୍ରମାଣିତ କରେ। ଆଧୁନିକ ଯୁଗରେ ଫକୀର ମୋହନ ସେନାପତି, ରାଧାନାଥ ରାୟ ଏବଂ ଗଙ୍ଗାଧର ମେହେରଙ୍କ ଭଳି କବି ଓ ଲେଖକମାନେ ଏହି ପରମ୍ପରାକୁ ଆଗକୁ ନେଇଛନ୍ତି।

ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା କେବଳ ଓଡ଼ିଶା ବା ଓଡ଼ିଆଙ୍କ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱର ଭାଷାବିତ୍‌ମାନଙ୍କ ପାଇଁ ଏକ ଗର୍ବ ଓ ଗୌରବପୂର୍ଣ୍ଣ ବିଷୟ। ଏହା ଦ୍ୱାରା ଏ ଭାଷାର ଗବେଷଣା ଏବଂ ପ୍ରଚାର ପ୍ରସାର ପାଇଁ ଅଧିକ ସୁଯୋଗ ସୃଷ୍ଟି ହୋଇପାରିଛି। ଆମ ସମସ୍ତଙ୍କର ଦାୟିତ୍ୱ ହେଉଛି ଆମର ଏହି ମହାନ ଶାସ୍ତ୍ରୀୟ ଭାଷାକୁ ସମ୍ମାନ ଦେବା ଏବଂ ଏହାର ସୁରକ୍ଷା ପାଇଁ ଯତ୍ନବାନ ହେବା। କାରଣ ଭାଷା ବଞ୍ଚିଲେ ସାହିତ୍ୟ ବଞ୍ଚିବ ଏବଂ ସାହିତ୍ୟ ବଞ୍ଚିଲେ ଏ ସଂସ୍କୃତି ତା'ର ଧ୍ୱଜା ଉଡ଼ାଇ ଚାଲିଥିବ ଏବଂ ଏ ସଂସ୍କୃତି ଉତ୍ତର ଦାୟଦମାନଙ୍କ ମୁହଁରେ ଏକ ହିଁ ଧ୍ୱନି ଥିବ 'ବନ୍ଦେ ଉତ୍କଳ ଜନନୀ' ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ପାନ ପତ୍ର ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ: ମୁଣ୍ଡବିନ୍ଧାରୁ ଥଣ୍ଡା ପର୍ଯ୍ୟନ୍ତ ଏହାକୁ କିପରି ବ୍ୟବହାର କରିବେ ଜାଣନ୍ତୁ



ବହୁ ପ୍ରାଚୀନ କାଳରୁ ଭାରତୀୟ ସଂସ୍କୃତିର ଏକ ଅଂଶ ହୋଇରହିଛି ପାନ। ବିବାହଠାରୁ ନେଇ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ, ପର୍ବପର୍ବାଣି ଓ ଉତ୍ସବରେ ପାନ ବ୍ୟବହାର ହୋଇଥାଏ। ଯୁବକ ହୁନ୍ତୁ ଅବା ବୃଦ୍ଧବୃଦ୍ଧା, ପାନର ଆଦୃତି ସବୁଠି । ଓଡ଼ିଶାର ଗଣପର୍ବ ରଜରେ ଦୋଳି ସହ ରଜପାନ ମୁଖ୍ୟ ଆକର୍ଷଣ । ତେବେ ଆପଣ ଜାଣନ୍ତି କି, ପାନ କେବଳ ସ୍ୱାଦରେ ନୁହେଁ ବରଂ ସ୍ୱାସ୍ଥ୍ୟ ପାଇଁ ବି କେତେ ଉପକାରୀ ? ଡାଇବେଟିସ୍ ନିୟନ୍ତ୍ରଣରୁ ଆରମ୍ଭ କରି ମାନସିକ ଚାପ ଦୂର କରିବା ଯାଏଁ, ଏହି ସାଧାରଣ ଦିଶୁଥିବା ପାନ ପତ୍ରରେ ରହିଥିବା ଔଷଧୀୟ ଗୁଣ ଚମତ୍କାର ସ୍ୱାସ୍ଥ୍ୟଗତ ଫାଇଦା ଦିଏ । ପାନରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଅଛି। ଏହା କ୍ୟାଲସିୟମ, ଭିଟାମିନ ସି ଏବଂ ଆଇରନର ଏକ ଉତ୍କୃଷ୍ଟ ଉତ୍ସ। ତେଣୁ, ଏହା ତୁମ ଶରୀରର ଅନେକ ସମସ୍ୟା ସହିତ ଲଢ଼ିବାକୁ ସକ୍ଷମ। ଜୟପୁରର କ୍ଲିନିକାଲ୍ ଆୟୁର୍ବେଦ ବିଶେଷଜ୍ଞ ଡକ୍ଟର କିରଣ ଗୁପ୍ତାଙ୍କ ମତରେ ପାନପତ୍ରରେ ପୋଷକତତ୍ତ୍ୱ ଭରପୁର ମାତ୍ରାରେ ରହିଛି। ଏଥିରେ ବିଭିନ୍ନ ଗୁଣ ରହିଛି ଯାହା ମୁଣ୍ଡବିନ୍ଧା ଦୂର କରିବାରେ ସାହାଯ୍ୟ କରିପାରେ। ଯଦି ଆପଣଙ୍କର ପ୍ରବଳ ମୁଣ୍ଡବିନ୍ଧା ହେଉଛି, ତେବେ ପାନପତ୍ରକୁ ପେଷ୍ଟ କରି ଲଗାଇବା ଦ୍ୱାରା ଆରାମ ମିଳିବ। ପ୍ରକୃତରେ, ପାନପତ୍ରର ଏକ ଥଣ୍ଡା ପ୍ରଭାବ ଥାଏ, ଯାହା ଯନ୍ତ୍ରଣା କମ କରିବାରେ ସାହାଯ୍ୟ କରେ। ପାନ ଖାଇବା ଦ୍ୱାରା ହଜମ ମଧ୍ୟ ଭଲ ହୁଏ। ପାନ ଚୋବାଇଲେ ପାଚନ ଏନଜାଇମକୁ ସକ୍ରିୟ କରେ। ଏହା ଗ୍ୟାସ୍, ଏସିଡିଟି ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମୁକ୍ତି ଦିଏ। ଏହି କାରଣରୁ ଲୋକମାନେ ପ୍ରାୟତଃ ଖାଦ୍ୟ ପରେ ପାନ ଖାଇବାକୁ ପସନ୍ଦ କରନ୍ତି। ପରିବର୍ତ୍ତିତ ଋତୁରେ ପାନ ପତ୍ର ଖାଇବା ଲାଭଦାୟକ ସାବ୍ୟସ୍ତ ହୋଇପାରେ। ପ୍ରକୃତରେ, ଯେତେବେଳେ ପାଗ ପରିବର୍ତ୍ତନ ହୁଏ, ଥଣ୍ଡା ଏବଂ ରକ୍ତ ଜମାଟ ବାନ୍ଧିବା ସବୁଠାରୁ ସାଧାରଣ ହୋଇଥାଏ। ଆରାମ ପାଇବା ପାଇଁ, ଆପଣ ଏକ ପାନ ପତ୍ରରେ ଉଷୁମ ସୋରିଷ କିମ୍ବା ରାଶି ତେଲ ଲଗାଇ ଆପଣଙ୍କ ଛାତିରେ ଲଗାଇ ପାରିବେ। ଏହା କଫକୁ କମ କରିଥାଏ, ରକ୍ତ ଜମା ହ୍ରାସ କରିଥାଏ ଏବଂ ନିଶ୍ୱାସ ନେବା ସହଜ କରିଥାଏ। ଯଦି ଆପଣଙ୍କର ମାଢ଼ିରେ କୌଣସି ସମସ୍ୟା ଅଛି କିମ୍ବା ବ୍ରଶ୍ କରିବା ପରେ ମଧ୍ୟ ପାଟିରୁ ଦୁର୍ଗନ୍ଧ ଆସୁଛି, ତେବେ ଆପଣ ପାନ ପତ୍ର ଖାଇବା ବିଷୟରେ ବିଚାର କରିବା ଉଚିତ। ପାନ ପତ୍ରକୁ ପାଣିରେ ଫୁଟାଇ କୁଳି କରନ୍ତୁ। ଏହା କେବଳ ପାଟିର ଦୁର୍ଗନ୍ଧ ଦୂର କରେ ନାହିଁ ବରଂ ଆପଣଙ୍କ ମାଢ଼ିକୁ ମଜବୁତ କରିବାରେ ମଧ୍ୟ ସାହାଯ୍ୟ କରେ।

# ବଡ଼ ରୋଗକୁ ଡାକି ଆଣିବ ରସିଦ୍‌ର କାଳି, କେମିତି କରିବେ ସୁରକ୍ଷା

ଆଜିକାଲି ବିଭିନ୍ନ ଜିନିଷ କିଣାକିଣି କରିବା ବା ଏଟିଏମ୍‌ରୁ ଟଙ୍କା ଉଠାଇବା ପରେ ମିଳୁଥିବା ବିଲ୍‌ରେ ଥିବା କାଳି ପ୍ରତି ସାବଧାନ ରୁହନ୍ତୁ । ବିଲ୍‌ରେ ବ୍ୟବହାର କରାଯାଉଥିବା କାଳିରେ ବିପିଏ ରହିଥାଏ, ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଏହାର କ୍ଷତିକାରକ ଗୁଣକୁ ଦୃଷ୍ଟିରେ ରଖି ବିଭିନ୍ନ ରସିଦ ବହିରେ ବିପିଏ ପରିବର୍ତ୍ତେ ବିପିଏସ୍ ବ୍ୟବହାର କରାଗଲା । କିନ୍ତୁ ଶସ୍ତା ହେବା କାରଣରୁ ଏହାର ବ୍ୟବହାର ଉପରେ ରୋକ୍ ଲଗାଯାଇନାହିଁ । ତେଣୁ ଏହି କାଳିଠାରୁ ରକ୍ଷା ପାଇବା ପାଇଁ ନିଜେ ସତର୍କ ରଖିବାକୁ ପଡିବ । ଅଧିକାଂଶ ଷ୍ଟୋରରେ ମିଳୁଥିବା ରସିଦ୍ ବହିରେ ଥର୍ମାଲ୍ କାଗଜ ବ୍ୟବହାର ହୋଇଥାଏ, ଯାହାକୁ ନମ୍ବର ବା ନାମ ବାହାରକୁ ଆସିବା ପାଇଁ ଲ୍ୟୁକୋ ଡାଇ, ବିପିଏ ବା ବିପିଏସ୍ ପରି ରସାୟନ ଏବଂ ଷ୍ଟେବଲାଇଜରର ବ୍ୟବହାର କରାଯାଇଥାଏ । ଅବଶ୍ୟ ଆଜିକାଲି ପ୍ରାୟ କମ୍ପାନୀ ବିପିଏ ପରିବର୍ତ୍ତେ ବିପିଏସ୍‌ର ବ୍ୟବହାର କରୁଛନ୍ତି । ଟେକ୍ସସ୍ ଖ୍ରୀଷ୍ଟିଆନ୍ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଏହି ସମସ୍ୟା ଉପରେ ନଜର ପକାଇଛନ୍ତି । ଗବେଷଣାରେ ବିପିଏ ପରି କେମିକାଲକୁ କର୍କଟ, ମେଟାବଲିକ୍ ଡିଜଅର୍ଡର, ହୃଦ୍‌ଘାତ ଓ ଗର୍ଭଧାରଣ ସହ ଯୋଡ଼ି ହୋଇଥିବା ସମସ୍ୟା ବିଷୟରେ କୁହାଯାଇଛି। ସେହିପରି ବିପିଏସ୍ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି କୁହାଯାଇଛି। ଯେପରିକି ମୋଟାପଣ, ମେଟାବଲିକ୍ ସମସ୍ୟା, ପ୍ରଜନନ କ୍ଷମତାକୁ କ୍ଷତି, ହରମୋନ୍ ସମ୍ବନ୍ଧୀୟ ସ୍ତନ କର୍କଟ ଆଦିକୁ କ୍ଷତି ପହଞ୍ଚାଏ।

ଡିଜିଟାଲ୍ ପ୍ରିଣ୍ଟକୁ ଗୁରୁତ୍ୱ: ପରିବେଶରେ ହେଉଥିବା କ୍ଷତିକୁ ଦୃଷ୍ଟିରେ ରଖି ଥର୍ମାଲ ପ୍ରିଣ୍ଟର ବ୍ୟବହାର କମ୍ ହେଉଛି । ହେଲେ ବନ୍ଦ ହୋଇନାହିଁ । ତେଣୁ କିଣାକିଣି ପରେ ପ୍ରିଣ୍ଟ ରସିଦ୍ ଅପେକ୍ଷା ଡିଜିଟାଲ୍ ରସିଦ୍‌କୁ ଗୁରୁତ୍ୱ ଦେବା ଶିଖନ୍ତୁ ।

ସାନିଟାଇଜର ବ୍ୟବହାର: କେତେକ ଗବେଷଣାରୁ ଜଣାପଡିଛି ଯେ ରସିଦ ଧରିବା ପୂର୍ବରୁ ହାତକୁ ସାନିଟାଇଜ୍ କରିବା ଦ୍ୱାରା ରସାୟନ ୧୦୦ ଗୁଣା ବେଗରେ ଅବଶୋଷଣ ହୋଇଥାଏ।

# ଚୈତ୍ର ପୂର୍ଣ୍ଣିମା ଦିନ ଦାନ କରନ୍ତୁ ଏହି ସବୁ ଜିନିଷ, ବର୍ଷ ସାରା ମିଳିବ ସୁଖ ଶାନ୍ତି



ହିନ୍ଦୁ ଧର୍ମରେ ପୂର୍ଣ୍ଣିମା ତିଥିର ବିଶେଷ ମହତ୍ତ୍ୱ ରହିଛି, କିନ୍ତୁ ଚୈତ୍ର ମାସର ପୂର୍ଣ୍ଣିମା ତିଥି ସବୁଠୁ ଉଚ୍ଚ ବୋଲି ବିବେଚନା କରାଯାଏ। ଏହି ଦିନ ସଙ୍କଟମୋଚନ ହନୁମାନଙ୍କ ଜନ୍ମଦିନ ମଧ୍ୟ ପାଳନ କରାଯାଏ। କ୍ୟାଲେଣ୍ଡର ଅନୁଯାୟୀ, ଚୈତ୍ର ପୂର୍ଣ୍ଣିମା ଏପ୍ରିଲ ୨ ରେ ପାଳନ କରାଯିବ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଚୈତ୍ର ପୂର୍ଣ୍ଣିମା ଦିନ କରାଯାଇଥିବା ଦାନ କେବଳ ମାନସିକ ଶାନ୍ତି ଆଣି ନଥାଏ ବରଂ ଘରେ ସୁଖ-ଶାନ୍ତି ମଧ୍ୟ ବୃଦ୍ଧି କରିଥାଏ। ଯଦି ଆପଣ ବି ଚାହାଁନ୍ତି ଆପଣଙ୍କ ଘର ବର୍ଷସାରା ସୁଖ-ଶାନ୍ତିରେ ଭରି ରହୁ, ତେବେ ଏହି ଚୈତ୍ର ପୂର୍ଣ୍ଣିମା ଦିନ ରାଶି ଏବଂ ପରମ୍ପରା ଅନୁଯାୟୀ କିଛି ବିଶେଷ ଜିନିଷ ଦାନ କରନ୍ତୁ।

ଅନ୍ନ ଦାନ : ଏହି ଦିନ ଗରିବ ଲୋକଙ୍କୁ ଅନ୍ନ ଦାନ କରିବା ଅତ୍ୟନ୍ତ ପୂଣ୍ୟକର୍ମ ବୋଲି କୁହାଯାଏ। ଏହା ଦ୍ୱାରା ଘରେ କେବେ ବି ଅନ୍ନର ଅଭାବ ହୁଏ ନାହିଁ। ଜଳ ଏବଂ ପାତ୍ର ଦାନ : ଗରମ ଆରମ୍ଭରୁ ପାଣିରେ ଭରିହୋଇ ରହିଥିବା ଏକ ମାଠିଆ ଦାନ କରିବା ଅତ୍ୟନ୍ତ ଶୁଭ ହୋଇଥାଏ। ବସ୍ତ୍ର ଦାନ : ଚୈତ୍ର ପୂର୍ଣ୍ଣିମା ଦିନ ନୂତନ ବସ୍ତ୍ର ଦାନ କରିବା ଦ୍ୱାରା ଜୀବନରେ ସୁଖ-ସମୃଦ୍ଧି ଆସିଥାଏ। ଏହି ଦାନ ଦାରିଦ୍ରତା ଦୂର କରିଥାଏ। ଗୁଡ଼ ଏବଂ ଚିନି ଦାନ କରିବା : ମିଠା ଜିନିଷ ଦାନ କରିବା ଦ୍ୱାରା ସମ୍ପର୍କରେ ମଧୁରତା ଏବଂ ପରିବାରରେ ସ୍ନେହ ପ୍ରେମ ବଢିଥାଏ। ଫଳ ଏବଂ ଭୋଜନ ଦାନ : ଗରିବଙ୍କୁ ଖାଦ୍ୟ ଦେବା ଏବଂ ଫଳ ଦାନ କରିବା ଦ୍ୱାରା ଜୀବନର ଅନ୍ଧକାର ଦୂର ହୋଇଥାଏ। ଚୈତ୍ର ପୂର୍ଣ୍ଣିମା ଦିନ ଭଗବାନ ବିଷ୍ଣୁ, ଚନ୍ଦ୍ର ଦେବ ଏବଂ ହନୁମାନଙ୍କୁ ପୂଜା କରିବାର ବିଶେଷ ମହତ୍ତ୍ୱ ରହିଛି। ଏହି ଦିନ ଗଙ୍ଗା ସ୍ନାନ, ବ୍ରତ, ପୂଜା ଏବଂ ଦାନ କରିବା ଦ୍ୱାରା ସମସ୍ତ ପାପ ନାଶ ହୋଇଥାଏ। ଜୀବନରେ ସକରାତ୍ମକ ଉର୍ଜା ସଞ୍ଚାର ହୋଇଥାଏ। ମାନ୍ୟତା ରହିଛି ଏହି ଦିନ କରାଯାଇଥିବା ପୂଣ୍ୟ କର୍ମ ଅନେକ ଗୁଣା ଫଳ ପ୍ରାପ୍ତ କରିଥାଏ ଏବଂ ବ୍ୟକ୍ତିକୁ ମାନସିକ ସୁଖ-ଶାନ୍ତି ପ୍ରାପ୍ତ ହୋଇଥାଏ।

# ଆଧୁନିକ ସୌନ୍ଦର୍ଯ୍ୟର ନୂତନ ଦିଗ



ଆଧୁନିକ ଜୀବନଶୈଳୀରେ ସୁନ୍ଦର ଓ ଯୁବ ଚର୍ମ ପାଇଁ ଲୋକମାନେ ବିଭିନ୍ନ ବ୍ୟୁଟି ଟ୍ରିଟମେଣ୍ଟ ଦିଗରେ ଆକୃଷ୍ଟ ହେଉଛନ୍ତି। ସେଥିରେ ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ ଏକ ନୂତନ ଓ ପ୍ରଭାବଶାଳୀ ପଦ୍ଧତି ଭାବେ । ଆଧୁନିକ ଜୀବନଶୈଳୀରେ ସୁନ୍ଦର ଓ ଯୁବ ଚର୍ମ ପାଇଁ ଲୋକମାନେ ବିଭିନ୍ନ ବ୍ୟୁଟି ଟ୍ରିଟମେଣ୍ଟ ଦିଗରେ ଆକୃଷ୍ଟ ହେଉଛନ୍ତି। ସେଥିରେ ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ ଏକ ନୂତନ ଓ ପ୍ରଭାବଶାଳୀ ପଦ୍ଧତି ଭାବେ ପରିଚିତ ହୋଇଛି। ସର୍ଜରି ବିନା ଚର୍ମକୁ ଟାଇଟ୍ କରିବା, ଚର୍ବି କମାଇବା ଓ ପ୍ରାକୃତିକ ଉଜ୍ଜ୍ୱଳ ଫେରାଇବାରେ ଏହା ବିଶେଷ ଭୂମିକା ଗ୍ରହଣ କରିଛି । ତେଣୁ ଆଜିର ଯୁଗରେ ଏହି ଚିକିତ୍ସା ମଧ୍ୟ ବହୁତ ଲୋକପ୍ରିୟ ହୋଇପାରିଛି। ଏହି ଫେସିଆଲ ସମ୍ପର୍କରେ ସୌନ୍ଦର୍ଯ୍ୟ ବିଶାରଦ ଡା. ଦେବୀ ପୁଷ୍ପା ମହାନ୍ତି କହନ୍ତି, ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ ହେଉଛି ଏକ ନନ୍-ସର୍ଜିକାଲ ପ୍ରକ୍ରିୟା, ଯାହାର ଉଚ୍ଚ ତରଙ୍ଗ ଶକ୍ତି ଦ୍ୱାରା ଚର୍ମର ଗଭୀର ସ୍ତରକୁ ଉତ୍ତାପ ପହଞ୍ଚାଏ। ଏହି ଉତ୍ତାପ ଡେକାଲାଜେନ୍ ଉତ୍ପାଦନକୁ ବଢ଼ାଇ ଚର୍ମକୁ ଟାଇଟ୍ ଓ ନରମ କରିଥାଏ। ଫଳସ୍ୱରୂପ ଚର୍ମ ଅଧିକ ଯୁବ, ଆକର୍ଷଣୀୟ ଓ ପତଳା ଦେଖାଯାଏ। ଏହି ଟ୍ରିଟମେଣ୍ଟର ପ୍ରମୁଖ ଲାଭ ହେଉଛି ମୁଖର ଚର୍ବି କମେଇବା ସହ ମୁହଁରେ ନୂତନ ଉଜ୍ଜ୍ୱଳତା ଆଣିଥାଏ। ଏହା ସହିତ ପୋର୍ସ ହ୍ରାସ କରେ ଓ ଫେସ୍‌ରେ ଲିଫ୍ଟିଂ ଏଫେକ୍ଟ ମିଳେ। ବିଶେଷକରି ୨୦ ବର୍ଷ ବୟସ ପରେ ଏହି ଚିକିତ୍ସା କରିବା ଚର୍ମ ଯତ୍ନ ପାଇଁ ଅଧିକ ଉପଯୋଗୀ ହୋଇଥାଏ। ପ୍ରକ୍ରିୟା ଦୃଷ୍ଟିରୁ ଦେଖିଲେ, ପ୍ରଥମେ ଚର୍ମକୁ ସଫା କରାଯାଏ, ପରେ ଏକ ବିଶେଷ ଜେଲ୍ ଲଗାଯାଇ ଆରଏଫ୍ ଡିଭାଇସ୍ ଦ୍ୱାରା ହାଲୁକ ମାସାଜ୍ କରାଯାଏ। ପୂରା ପ୍ରକ୍ରିୟା ପ୍ରାୟ ୩୦ ରୁ ୪୫ ମିନିଟ୍ ମଧ୍ୟରେ ସମାପ୍ତ ହୁଏ ଓ ଏହା ବେଶୀ କଷ୍ଟ ଅନୁଭବ ହୁଏନାହିଁ। ଯଦିଓ ଏହା ସୁରକ୍ଷିତ ଚିକିତ୍ସା, ମାତ୍ର କେତେକ ମାମଲାରେ ମୁଖ ହାଲୁକା ଲାଲ ହେବା ବା ତାପ ଅନୁଭବ ହୋଇପାରେ। ଯାହା କିଛି ସମୟରେ ଠିକ୍ ହୋଇଯାଏ। ଏହି ଚିକିତ୍ସାରେ କେତୋଟି ପର୍ଯ୍ୟାୟ ପରେ ତ୍ୱଚାରେ ପରିବର୍ତ୍ତନ ଦେଖାଯାଏ। ଏହି ଫେସିଆଲ ପରେ ୨୪ ଘଣ୍ଟା ପର୍ଯ୍ୟନ୍ତ ଖରାକୁ ଯିବେ ନାହିଁ। ଏହାସହ ସର୍ବଦା ମୁହଁରେ ସନସ୍କ୍ରିନ୍ ଓ ମଇଶ୍ଚରାଇଜର ଲଗାନ୍ତୁ। ଆରଏଫ୍ ଚିକିତ୍ସାର ଭଲ ଫଳାଫଳ ପାଇଁ ପୁଷ୍ଟିକର ଖାଦ୍ୟପେୟ, ନିୟମିତ ବ୍ୟାୟମ କରନ୍ତୁ। ଏହାସହ ଜଙ୍କ୍ ଫୁଡ୍, ମଦ୍ୟପାନ ଓ ଧୂମପାନ ଠାରୁ ଦୂରେଇ ରହିବା ଦରକାର। ଏହି ଟ୍ରିଟମେଣ୍ଟ କରାଇବା ପୂର୍ବରୁ ଜଣେ ପ୍ରଶିକ୍ଷିତ ବ୍ୟୁଟି ଏକ୍ସପର୍ଟ ବା ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।

# ଖାଦ୍ୟ ତିଆରି ପାଇଁ କେଉଁ ତେଲ ସବୁଠୁ ଭଲ ? କିଣିବା ସମୟରେ ଏହି ଜିନିଷ ପ୍ରତି ଦିଅନ୍ତୁ ଧ୍ୟାନ



ଅତ୍ୟଧିକ ତେଲ ଖାଇବା ଦ୍ୱାରା ଶରୀରରେ କୋଲେଷ୍ଟ୍ରଲ୍ ସ୍ତର ବୃଦ୍ଧି ପାଏ, ଯାହା ହୃଦରୋଗର ଆଶଙ୍କା ବୃଦ୍ଧି କରିଥାଏ। ବିଶେଷକରି ଯେଉଁମାନଙ୍କର କୋଲେଷ୍ଟ୍ରଲ୍ ଅଧିକ, ସେମାନଙ୍କ ପାଇଁ ଖରାପ ତେଲ ଖାଇବା ହୃଦଘାତ ଏବଂ ଷ୍ଟ୍ରୋକର ଆଶଙ୍କା ବୃଦ୍ଧି କରିପାରେ। ତେଣୁ, ତେଲ କିଣିବା ସମୟରେ ଆପଣଙ୍କୁ କିଛି ଜିନିଷ ମନେ ରଖିବା ଉଚିତ। ଆସନ୍ତୁ ଜାଣିବା କେଉଁ ତେଲ ରୋଷେଇ ପାଇଁ ସର୍ବୋତ୍ତମ। ସବୁବେଳେ ସମାନ ତେଲ ବ୍ୟବହାର କରିବା ପରିବର୍ତ୍ତେ, ମଝିରେ ମଝିରେ ତେଲ ପରିବର୍ତ୍ତନ କରନ୍ତୁ। ଗୋଟିଏ ମାସ ପାଇଁ ସୋରିଷ ତେଲ ଏବଂ ପରବର୍ତ୍ତୀ ମାସରେ ବାଦାମ ତେଲ ବ୍ୟବହାର କରନ୍ତୁ। ଏହା ନିଶ୍ଚିତ କରିବ ଯେ ଆପଣଙ୍କ ଶରୀର ସମସ୍ତ ଆବଶ୍ୟକୀୟ ଫ୍ୟାଟ୍ସ ଗ୍ରହଣ କରୁଛି। ଆପଣଙ୍କ ରନ୍ଧନ ତେଲରେ ଯେପରି ମୋନୋ-ଅନସାଚୁରେଟେଡ୍ ଏବଂ ପଲି-ଅନସାଚୁରେଟେଡ୍ ଫ୍ୟାଟ୍ସର ମିଶ୍ରଣ ରହିଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।ପଲିଅନସାଚୁରେଟେଡ୍ ଫ୍ୟାଟ୍ର ଦୁଇଟି ଉପାଦାନ ଅଛି: ଓମେଗା-୩ ଏବଂ ଓମେଗା-୬। ଉଭୟ ହୃଦୟ ସ୍ୱାସ୍ଥ୍ୟ ପାଇଁ ଜରୁରୀ। ବିଶେଷଜ୍ଞଙ୍କ ମତରେ, ଅଲିଭ୍ ଅଏଲ, କାନୋଲା ଅଏଲ, ସୋରିଷ ଅଏଲ, ସୋୟାବିନ୍ ଅଏଲ, ସୂର୍ଯ୍ୟମୁଖୀ ଅଏଲ, ସାଫ୍ଲାୱାର ଅଏଲ ଏବଂ ରାଇସ୍ ବ୍ରେନ୍ ଅଏଲକୁ ରୋଷେଇ ପାଇଁ ଭଲ ବୋଲି ବିବେଚନା କରାଯାଏ। ଏହି ତେଲଗୁଡ଼ିକ ଭାରତୀୟ ରୋଷେଇ ପାଇଁ ଉପଯୁକ୍ତ। ରୋଷେଇ କରିବା ସମୟରେ ଗୋଟିଏ ଚାମଚ ଶୁଦ୍ଧ ଘିଅ, ଗୋଟିଏ ଚାମଚ ସୋରିଷ ତେଲ ଏବଂ ଗୋଟିଏ ଚାମଚ ସୂର୍ଯ୍ୟମୁଖୀ ତେଲ ମିଶ୍ରିତ କରିବା ଭଲ। ତେଲ କିଣିବା ସମୟରେ ଏହି ଜିନିଷ ପ୍ରତି ଧ୍ୟାନ ଦିଅନ୍ତୁ । ଯେତେବେଳେ ଆପଣ ବଜାରରୁ ତେଲ କିଣନ୍ତି, କେମିକାଲ ଆବଷ୍ଟ୍ରକ୍ଟ ଅଏଲ ବଦଳରେ ପ୍ରେସ୍‌ଡ ଅଏଲ କିଣନ୍ତୁ। ଏହା ତେଲ ବୋତଲରେ ସ୍ପଷ୍ଟ ଭାବରେ ଲେଖାଯାଇଥାଏ। ସୋରିଷ ତେଲ ପ୍ରେସ୍‌ଡ ଅଏଲ ଭାବରେ ତାଲିକାଭୁକ୍ତ। ଭଲ ଗୁଣବତ୍ତା ତେଲରେ ଓମେଗା-୩, ୬, ଏବଂ ୯ ଥାଏ। ଯେତେବେଳେ ଆପଣ ତେଲ କିଣନ୍ତି, ନିଶ୍ଚିତ କରନ୍ତୁ ଯେ ଏଥିରେ ଜିରୋ ଟ୍ରାନ୍ସ ଫ୍ୟାଟ୍ ଅଛି। ତେଲ ପ୍ୟାକେଜିଂରେ ଲେବଲରେ ଏହି ସମସ୍ତ ସୂଚନା ଲେଖାଯାଇଥାଏ।

# ମହିଳାମାନେ ଜାଣନ୍ତୁ



ବେଙ୍କେଳବେଳେ ଅଣନିଃଶ୍ୱାସୀ ଲାଗିବା, ପେଟ ବଥା ହେବା, ବାନ୍ତି ଲାଗିବା, କ୍ଲାନ୍ତି କିମ୍ବା ଅଚେତ ହେବା ପରି ସ୍ୱାସ୍ଥ୍ୟ ସମସ୍ୟା ମହିଳାମାନଙ୍କଠାରେ ଦେଖାଯାଏ। କିନ୍ତୁ ଆପଣ ଜାଣନ୍ତି କି, କେବେ କେବେ ଏହି ଲକ୍ଷଣଗୁଡ଼ିକ 'ସାଇଲେଣ୍ଟ ହାର୍ଟ ଆଟାକ୍' ପରି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସଙ୍କେତ ମଧ୍ୟ ହୋଇପାରେ। ଏମ୍‌ସିଗିଲ୍ ୟୁନିଭର୍ସିଟିର ଏକ ଅଧ୍ୟୟନ ଅନୁଯାୟୀ, ୫୫ ବର୍ଷରୁ କମ୍ ବୟସର ୫ ଜଣ ମହିଳାଙ୍କ ମଧ୍ୟରେ ଜଣଙ୍କୁ ହାର୍ଟ ଆଟାକ୍ ସମୟରେ ଛାତିରେ କୌଣସି କଷ୍ଟ ହୁଏନାହିଁ। ସେମାନେ କେବଳ ହାଲୁକା ଥକ୍କାପଣ, ବାନ୍ତି କିମ୍ବା ଜ୍ୱର ପରି ସଙ୍କେତ ଦେଖନ୍ତି।

ସାଇଲେଣ୍ଟ ହାର୍ଟ ଆଟାକ୍‌ରେ ହୃତ୍‌ପିଣ୍ଡକୁ ଯାଉଥିବା ରକ୍ତ ପ୍ରବାହ କମିଯାଏ। କିନ୍ତୁ ଏହାର ଲକ୍ଷଣଗୁଡ଼ିକ ହାଲୁକା କିମ୍ବା ସ୍ପଷ୍ଟ ଭାବେ ଜଣାପଡ଼େ ନାହିଁ। ଅନେକ ସମୟରେ ଲୋକମାନେ ଏହି ଲକ୍ଷଣକୁ ଷ୍ଟ୍ରେସ୍, ଥକ୍କାପଣ କିମ୍ବା ଫ୍ଲୁ ଭାବି ଅଣଦେଖା କରିଦିଅନ୍ତି। ସେଣ୍ଟରସ ଫର ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ ପ୍ରିଭେନ୍‌ସନ (ସିଡିସି) ଅନୁଯାୟୀ, ମହିଳାମାନଙ୍କ ମଧ୍ୟରେ ମୃତ୍ୟୁର ସବୁଠୁ ବଡ଼ କାରଣ ହେଉଛି ହୃଦ୍‌ରୋଗ। ଏହାସହିତ ୱ୍ୱାର୍ଲଡ୍ ହାର୍ଟ ଫେଡେରେସନ୍ ?ର ତଥ୍ୟ ଅନୁସାରେ, ପ୍ରତିବର୍ଷ ପ୍ରାୟ ୩ ଜଣ ମହିଳାଙ୍କ ମଧ୍ୟରୁ ୧ ଜଣଙ୍କ ମୃତ୍ୟୁ ହୃଦ୍‌ରୋଗ ସମ୍ବନ୍ଧୀୟ ହୋଇଥାଏ। ହାର୍ଭାଡ୍ ହେଲ୍‌ଥ ପବ୍ଲିସିଂର ଏକ ରିପୋର୍ଟ ଅନୁଯାୟୀ, ହଠାତ୍ ଏବଂ କୌଣସି ସ୍ପଷ୍ଟ କାରଣ ଛଡ଼ା ହେଉଥିବା ଅଧିକ ଥକ୍କାପଣ ମଧ୍ୟ ହୃଦ୍‌ରୋଗ ସମସ୍ୟାର ସଙ୍କେତ ହୋଇପାରେ। ଏହାସହିତ, ହାର୍ଟ ଫାଉଣ୍ଡେସନ୍ ସହ ସମ୍ପର୍କିତ ଏକ ଅଧ୍ୟୟନରେ ଅନେକ ମହିଳା କହିଥିଲେ ଯେ, ହାର୍ଟ ଆଟାକ୍ ହେବାର କିଛି ମାସ ପୂର୍ବରୁ ସେମାନେ ନିରନ୍ତର ଭାବରେ ଅଧିକ ଥକ୍କା ଅନୁଭବ କରୁଥିଲେ।

# ନବ ଦେବୀ ନବ ଔଷଧି



ବାସନ୍ତିକ ନବରାତ୍ରି ହେଉ ବା ଶାରଦୀୟ ନବରାତ୍ରି- ଏହି ନଅ ଦିନରେ ଦେବୀ ଦୁର୍ଗା ନଅଟି ନାମ ଓ ନଅଟି ରୂପରେ ପୂଜିତା ହୁଅନ୍ତି। ଏହି ନବଦୁର୍ଗାଙ୍କର ନାମ ଯଥାକ୍ରମେ-ଶେ ?ଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀ। କିନ୍ତୁ ଏହି ନଅ ଦେବୀଙ୍କର ନଅଟି ଔଷଧୀୟ ରୂପ ମଧ୍ୟ ରହିଛି। ଏହା ଆମପାଇଁ ପ୍ରଣିଧାନର ବିଷୟ। ନବଦୁର୍ଗାଙ୍କର ପ୍ରଥମ ରୂପ 'ଶୈଳପୁତ୍ରୀ'। ଏହାଙ୍କର ଔଷଧୀୟ ରୂପ ହେଉଛି- ହରିଡ଼ା। ଏହା ତ୍ରିଫଳାର ଅନ୍ତର୍ଗତ। ଏହା ସହିତ ବାହାଡ଼ା ଓ ଅଁଳା ମିଶି ତ୍ରିଫଳା ରୂପେ ବିବେଚିତ ହୋଇଥାଏ।

ହରିଡ଼ା ମୁଖ୍ୟତଃ ସାତପ୍ରକାରର। ୧. ହରିତିକା- ଭୟନାଶକାରିଣୀ, ୨. ପଥ୍ୟା- ହିତକାରିଣୀ, ୩. କାୟସ୍ଥ- ଶରୀରକକ୍ଷକାରିଣୀ, ୪. ଅମୃତା- ଅମୃତତୁଲ୍ୟା, ୫. ହେମବତୀ- ହିମାଳୟରେ ଜାତ, ୬. ଚେତକୀ- ଚିତ୍ତ ପ୍ରସନ୍ନ କାରିଣୀ ଓ ୭. ଶ୍ରେୟସୀ- କଲ୍ୟାଣକାରିଣୀ।

ନବଦୁର୍ଗାଙ୍କ ମଧ୍ୟରୁ ଦ୍ୱିତୀୟ ହେଉଛନ୍ତି ବ୍ରହ୍ମଚାରିଣୀ। ଏହାଙ୍କର ଔଷଧୀୟ ରୂପ- ବ୍ରାହ୍ମୀ। ବ୍ରାହ୍ମୀ ଆୟୁ ଓ ସ୍ମୃତିଶକ୍ତି ବୃଦ୍ଧିକାରିଣୀ। ଏହା ରକ୍ତବିକାର ନାଶ ଓ ସ୍ୱରମାଧୁର୍ଯ୍ୟ ବୃଦ୍ଧି କରିଥାଏ। ଏହା ମଧ୍ୟ ମନ ଓ ମସ୍ତିଷ୍କର ଶକ୍ତି ସଂଚାରକାରିଣୀ। ନବଦୁର୍ଗାଙ୍କର ତୃତୀୟ ରୂପ- ଚନ୍ଦ୍ରଘଣ୍ଟା। ଏହାଙ୍କର ଔଷଧୀୟ ରୂପ ଚନ୍ଦୁସୂର ବା ଚମସୂର। ଏହା ଧନିଆ ପ୍ରଜାତିର ଏକ ଗୁଳ୍ମ ଏବଂ ତରକାରୀରେ ଏହାର ଉପଯୋଗ ହୋଇଥାଏ। ଏହା ସ୍ଥୂଳତା ବା ମେଦବହୁଳତା ଏବଂ ହୃତ୍‌ଯନ୍ତ୍ର ଜନିତ ରୋଗର ନିବାରକ। ନବଦୁର୍ଗାଙ୍କର ଚତୁର୍ଥ ରୂପ- କୁଷ୍ମାଣ୍ଡା। ଏହାଙ୍କର ଔଷଧୀୟ ରୂପ କୁଷ୍ମାଣ୍ଡ ବା ପାଣିକଖାରୁ। ଏହା ପୁଷ୍ଟିକାରକ ଓ ରକ୍ତବିକାର ଦୂରକାରୀ। ଏହା ମଧ୍ୟ ପେଟ ସଫା କରି ନିରୋଗ ରଖିଥାଏ। ନବଦୁର୍ଗାଙ୍କର ପଞ୍ଚମ ରୂପ- ସ୍କନ୍ଦମାତା। ଏହାଙ୍କର ଔଷଧୀୟ ରୂପ- ଅଳସୀ। ଏହା ବାତ, ପିତ୍ତ ଓ କଫନାଶକ। ନବଦୁର୍ଗାଙ୍କର ଷଷ୍ଠରୂପ- କାତ୍ୟାୟନୀ। ଏହାଙ୍କର ଔଷଧୀୟ ରୂପ- ମାଚିକା। ଏହା କଫ ଓ ପିତ୍ତ ନାଶକ ଏବଂ କଣ୍ଠରୋଗର ଔଷଧି। ନବଦୁର୍ଗାଙ୍କର ସପ୍ତମ ରୂପ- କାଳରାତ୍ରି। ଏହାଙ୍କର ଔଷଧୀୟ ରୂପ- ନାଗଦୋନ। ଏହା ମନ ଓ ମସ୍ତିଷ୍କର ବିକାର ଦୂରକାରୀ ଏବଂ ବିଷନାଶକ। ଏହା ବ୍ୟତୀତ ଏହା ମଧ୍ୟ ମାସିକ ଋତୁକାଳୀନ ଅତ୍ୟଧିକ ସ୍ରାବର ନିରୋଧକ। ନବଦୁର୍ଗାଙ୍କର ଅଷ୍ଟମ ରୂପ- ମହାଗୌରୀ। ଏହାଙ୍କର ଔଷଧୀୟ ରୂପ- ତୁଳସୀ। ଏହା ରକ୍ତ ବିଶୋଧକ ଏବଂ ହୃଦ୍‌ରୋଗ ନାଶକ। ଏହାର ଆହୁରି ଅନେକ ଉପକାରିତା ମଧ୍ୟ ରହିଛି। ନବଦୁର୍ଗାଙ୍କର ନବମ ରୂପ- ସିଦ୍ଧିଦାତ୍ରୀ। ଏହାଙ୍କର ଔଷଧୀୟ ରୂପ- ଶତାବରୀ ବା ନାରାୟଣୀ। ଏହା ବୁଦ୍ଧି, ବଳ ଓ ବୀର୍ଯ୍ୟବର୍ଦ୍ଧକ ଏବଂ ରକ୍ତବିକାର ଓ ବାତ, ପିତ୍ତ ବିନାଶକ। ଏହିପରି ଭାବରେ, ନବଦୁର୍ଗା ନଅ ଔଷଧୀୟ ରୂପରେ ଆମର ହିତସାଧନ କରିଥାନ୍ତି।

# ରାମ ହେଉଛନ୍ତି ସାକ୍ଷାତ୍ ଶରୀରଧାରୀ ଧର୍ମ



ଆଦିକବି ବାଲ୍ମୀକିଙ୍କ ଦ୍ୱାରା ରଚିତ 'ରାମାୟଣ' ଆମଦେଶର ଆଦିକାବ୍ୟ। ସେଥିରେ ତ୍ରେତାଯୁଗର ଅବତାର ଶ୍ରୀରାମ ମର୍ଯ୍ୟାଦାପୁରୁଷ ରୂପେ ଚିତ୍ରିତ ହୋଇଛନ୍ତି ଏବଂ ତାଙ୍କର ଆଚରଣରେ ମର୍ଯ୍ୟାଦା ସୁପ୍ରତିଷ୍ଠିତ ହୋଇଛି। 'ଶ୍ରୀମଦ୍ ଭଗବଦ୍ ଗୀତା'ରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି- ସମାଜରେ ଶ୍ରେଷ୍ଠ ବ୍ୟକ୍ତିମାନେ ଯେଉଁଭଳି ଆଚରଣ କରନ୍ତି, ସାଧାରଣ ଲୋକେ ତାହାକୁ ଅନୁସରଣ କରିଥାଆନ୍ତି। (ଗୀତା, ୩/୨୧) ଏଣୁ ଶ୍ରୀରାମ ତାଙ୍କର ଆଚରଣ ମାଧ୍ୟମରେ ଯେଉଁ ସବୁ ଲୋକଶିକ୍ଷା ଦେଇଛନ୍ତି, ତାହା କାଳେ କାଳେ ଲୋକସମାଜରେ ଆଦର୍ଶ ହୋଇ ରହିଆସିଛି। ତେବେ ଶ୍ରୀରାମଙ୍କର ଶ୍ରେଷ୍ଠତା ଓ ଆଦର୍ଶ କେବଳ ଯେ ତାଙ୍କର ଅନୁଗାମୀମାନଙ୍କ ଦ୍ୱାରା ସ୍ୱୀକୃତ, ତାହା ନୁହେଁ। ତାଙ୍କର ବିରୋଧୀମାନେ ମଧ୍ୟ ତାଙ୍କର ସୁଗୁଣ ଓ ସୁଆଚରଣକୁ ସ୍ୱୀକାର କରିଛନ୍ତି। 'ରାମାୟଣ'ରେ ରହିଛି ଏହାର ଅନେକ ଦୃଷ୍ଟାନ୍ତ। ଗୋଟିଏ ଦୃଷ୍ଟାନ୍ତ- ମାରୀଚ। ସେ ସ୍କନ୍ଦ ରାକ୍ଷସ ଓ ତାଡ଼କୀ ରାକ୍ଷସୀର ସନ୍ତାନ। ସୁବାହୁ ତା'ର ଭାଇ। ବିଶ୍ୱାମିତ୍ରଙ୍କ ଯଜ୍ଞରକ୍ଷା ସମୟରେ ଶ୍ରୀରାମ ସୁବାହୁକୁ ଅଗ୍ନିବାଣ ଦ୍ୱାରା ଭସ୍ମ କରିଦେଇଥିଲେ ଏବଂ ବାୟୁବାଣରେ ମାରୀଚକୁ ଉଡ଼ାଇ ନେଇ ଦକ୍ଷିଣ ସମୁଦ୍ର ତଟରେ ନିକ୍ଷେପ କରିଥିଲେ। ଏଣୁ, ଏହା ଜାଣିଥିବା ରାବଣ, ସୀତାଙ୍କୁ ଅପହରଣ କରିବା ପାଇଁ ମାରୀଚକୁ ନିୟୋଜିତ କରିଥିଲା। ଅନ୍ୟ କାରଣ ହେଉଛି- ମାରୀଚ ଥିଲା ମାୟାବୀ। ସେ ସୁନାର ହରିଣ ହୋଇ ସୀତାଙ୍କୁ ପ୍ରଲୁବ୍ଧ କରିବ ଏବଂ ସୀତାଙ୍କ ଅନୁରୋଧରେ ରାମ ସେହି ହରିଣକୁ ଧରିବାପାଇଁ ଦୂରେଇ ଗଲେ, ସେ ସୀତାଙ୍କୁ ହରଣ କରିବ- ଏହା ଥିଲା ରାବଣର ଯୋଜନା। କିନ୍ତୁ ମାରୀଚ ମାୟାବୀ ଓ ପ୍ରତିଶୋଧକାମୀ ଥିଲେ ମଧ୍ୟ, ତା'ର ବିବେକ ତଥାପି ଜାଗ୍ରତ ଥିଲା। ତେଣୁ ସୀତାଙ୍କୁ ଅପହରଣ କରିବା ଯୋଜନାରେ ରାବଣ ଯେତେବେଳେ ଯାଇ ତାର ସହାୟତା ଲୋଡ଼ିଲା, ସେତେବେଳେ ମାରୀଚ ତାକୁ ସେଥିରୁ ବାରଣ କରିଥିଲା। ମାରୀଚ ରାବଣକୁ ଯାହା କହିଥିଲା, ତାହା ହେଉଛି ଉପରୋକ୍ତ ସୁଭାଷିତ।

ମାରୀଚ କହିଥିଲା- ରାମ ହେଉଛନ୍ତି ସାକ୍ଷାତ୍ ଶରୀରଧାରୀ ଧର୍ମ। ସେ ସାଧୁ, ସେ ସତ୍ୟ ଓ ସେ ପରାକ୍ରମୀ। ପୁଣି ସେ ସାରା ଜଗତର ରାଜା। ଦେବରାଜ ଇନ୍ଦ୍ରଙ୍କ ପରି ସେ ସର୍ବଲୋକପୂଜ୍ୟ। ଏଣୁ ଏହି ସୁଭାଷିତ ସୂଚାଏ, ଜଣେ ଯେତେ ଅଧର୍ମୀ ହେଲେ ମଧ୍ୟ, ତାର ମନରେ ତଥାପି ସଦ୍‌ଭାବନା ସଂଜୀବିତ ଥାଏ। ସେହି ବିବେକକୁ ଉଜ୍ଜୀବିତ ନ କଲେ ଅଚିରେ ତାକୁ ମରଣକୁ ବରଣ କରିବାକୁ ପଡ଼େ।

# ନବରାତ୍ରି ବ୍ରତର ମାହାତ୍ମ୍ୟ



ଆଶ୍ୱିନ ଶୁକ୍ଳ ପ୍ରତିପଦରୁ ନବମୀ ପର୍ଯ୍ୟନ୍ତ ଶାରଦୀୟ ନବରାତ୍ରି ପାଳିତ ହେଉଥିବା ବେଳେ, ଚୈତ୍ର ଶୁକ୍ଳ ପ୍ରତିପଦରୁ ନବମୀ ପର୍ଯ୍ୟନ୍ତ ବାସନ୍ତିକ ନବରାତ୍ରି ପାଳିତ ହୋଇଥାଏ। ରଘୁକୁଳତିଳକ ଶ୍ରୀରାମ ଶାରଦୀୟ ନବରାତ୍ରି ବ୍ରତର ପ୍ରବର୍ତ୍ତକ ହୋଇଥିବା ବେଳେ, ଲଙ୍କପତି ରାବଣ ବାସନ୍ତିକ ନବରାତ୍ରି ବ୍ରତର ପ୍ରବର୍ତ୍ତକ ବୋଲି କଥିତ ହୁଏ। ମାତ୍ର ଅନ୍ୟ ମତରେ ବାସନ୍ତିକ ନବରାତ୍ରିର ପ୍ରବର୍ତ୍ତକ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣ। ଏ ସଂପର୍କିତ ପୌରାଣିକ ପ୍ରସଙ୍ଗ ଅନୁସାରେ, ଗୋଲୋକଧାମରେ ଭଗବାନ ଶ୍ରୀକୃଷ୍ଣ ପ୍ରଥମେ ମା' ଆଦି ପରାଶକ୍ତିଙ୍କର ପଦବନ୍ଦନା କରିଥିଲେ। ପରବର୍ତ୍ତୀ କାଳରେ, ମେଧାଋଷିଙ୍କ ମାଧ୍ୟମରେ ସୁରଥ ରାଜା ଓ ସମାଧି ବୈଶ୍ୟଙ୍କ ଦ୍ୱାରା ଏହାର ଆରମ୍ଭ ହେଲା। ନବରାତ୍ରି ବ୍ରତର ବିଶେଷତ୍ୱ ସଂପର୍କରେ 'ଦେବୀ ଭାଗବତ'ରେ ଉଲ୍ଲେଖ ଅଛି, ଯେ ଶାରଦୀୟ ନବରାତ୍ରି ବ୍ରତ ବିଧିପୂର୍ବକ ଏବଂ ବାସନ୍ତିକ ନବରାତ୍ରି ବ୍ରତ ପ୍ରୀତିପୂର୍ବକ ପାଳନ କରିବା ଉଚିତ।

ଶରତ ଓ ବସନ୍ତ- ଜୀବଜଗତ ପାଇଁ ଦୁଇ ଋତୁସନ୍ଧିକାଳ। ଏହି ଦୁଇ ଋତୁସନ୍ଧିକାଳରେ ରୋଗର ପ୍ରାଦୁର୍ଭାବ ଘଟିଥାଏ। ଏଣୁ ଏହା ମନୁଷ୍ୟ ଓ ଅନ୍ୟ ପ୍ରାଣୀମାନଙ୍କ ନିମନ୍ତେ ଅତ୍ୟନ୍ତ ଦୁର୍ଗମ। ସେଥିପାଇଁ ଆତ୍ମିକ ଓ ସାମୂହିକ କଲ୍ୟାଣ ନିମନ୍ତେ ଆଗ୍ରହୀ ବ୍ୟକ୍ତି ପ୍ରଯତ୍ନ ପୂର୍ବକ ଏହି ବ୍ରତ ପାଳନ କରିବା ଉଚିତ। ବୁଦ୍ଧିମାନ ବ୍ୟକ୍ତି ଶୁଭମାସ ଆଶ୍ୱିନ ଓ ଚୈତ୍ରର ଏହି ସମୟରେ ଭକ୍ତିପୂର୍ବକ ଆଦିପରାଶକ୍ତି ଚଣ୍ଡିକାଦେବୀଙ୍କର ପୂଜା କରିବା ଉଚିତ।

ନବରାତ୍ରି ବ୍ରତର ମାହାତ୍ମ୍ୟ ସଂପର୍କରେ ବେଦବ୍ୟାସ କହିଛନ୍ତି- ପୃଥିବୀରେ ଯେତେ ବ୍ରତ ଓ ଯେତେ ଦାନ ରହିଛି, ସେ ସବୁ ନବରାତ୍ରି ବ୍ରତ ସହ ତୁଳନୀୟ ନୁହନ୍ତି। କାରଣ, ମା' ଜଗଦମ୍ବାଙ୍କର ଏହି ବ୍ରତ କଲେ ଧନଧାନ୍ୟ ଓ ସୁଖଶାନ୍ତି ପ୍ରାପ୍ତ ହୁଏ ଏବଂ ବଂଶ ଓ ଆୟୁ ବୃଦ୍ଧି ଘଟେ। ଏହି ବ୍ରତ ଜୀବଦ୍ଦଶାରେ ଆରୋଗ୍ୟ ପ୍ରଦାନ କରେ ଏବଂ ପରଲୋକରେ ସ୍ୱର୍ଗ ଓ ମୋକ୍ଷ ପ୍ରଦାନ କରିଥାଏ। ଶାରଦୀୟ ନବରାତ୍ରି ଦେବୀ ଓ ଦେବତାଙ୍କର ରାତ୍ରି ବା ନିଦ୍ରାକାଳ ହୋଇଥିବା ବେଳେ, ବାସନ୍ତିକ ନବରାତ୍ରି ଦେବୀ ଓ ଦେବତାଙ୍କର ଦିବସ ବା ଜାଗ୍ରତ କାଳ। ଏଣୁ ଶାରଦୀୟ ନବରାତ୍ରି ପରି, ବାସନ୍ତିକ ନବରାତ୍ରିରେ ଦେବୀଙ୍କର ଅକାଳବୋଧନ କରିବାକୁ ପଡ଼ି ନ ଥାଏ। ତେବେ ଉଭୟ ନବରାତ୍ରିରେ ଦେବୀଙ୍କର ନବମ ଦିନର ରୂପ- ସିଦ୍ଧିଦାତ୍ରୀ। ଶାସ୍ତ୍ରପୁରାଣ ମାନଙ୍କରେ ଅଷ୍ଟସିଦ୍ଧିର ବର୍ଣ୍ଣନା ଅଛି। ତାହା ହେଉଛି- ଅଣିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ମହିମା, ଈଶିତ୍ୱ, ବଶିତ୍ୱ ଓ କାମବସାୟିତ୍ୱ। ଏହି ଅଷ୍ଟସିଦ୍ଧି ଯୋଗସାଧନା ବଳରେ ଲବ୍ଧ ହୁଏ। ମାତ୍ର ଦେବୀଙ୍କର ନବରାତ୍ରି ବ୍ରତ ପାଳନ କଲେ ଏହା ଅନାୟାସରେ ଉପଲବ୍ଧ ହୋଇଥାଏ।

# ଆଜିଠୁ ଉପକନିଷ୍ଠ ଜାତୀୟ ହକି ଚାମ୍ପିଅନସିପ୍

**ରାଞ୍ଚି**

୧୬ତମ ହକି ଇଣ୍ଡିଆ ଉପକନିଷ୍ଠ ମହିଳା ଜାତୀୟ ହକି ଚାମ୍ପିଅନସିପ୍ ବୁଧବାରଠାରୁ ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ ସିଂ ହକି ଷ୍ଟାଡିୟମରେ ଆରମ୍ଭ ହେବ। ତିନୋଟି ଡିଭିଜନ ଫର୍ମାଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୨୯ ଦଳ ଅଂଶଗ୍ରହଣ କରୁଛନ୍ତି। ଡିଭିଜନ 'ଏ'ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ସିଧାସଳଖ ପ୍ରତିଯୋଗିତାର ଟାଇଟଲ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଏହି ଡିଭିଜନରେ ୧୨ଟି ଦଳ ଅଛନ୍ତି ଓ ସେଗୁଡ଼ିକୁ ଚାରିଟି ପୁଲ୍‌ରେ ବିଭକ୍ତ କରାଯାଇଛି। ପୁଲ୍ 'ବି'ରେ ଓଡ଼ିଶା ପଞ୍ଜାବ ଓ ଆନ୍ଧ୍ର ପ୍ରଦେଶ ରହିଛନ୍ତି। ସେହିପରି ଡିଭିଜନ 'ବି' ଓ 'ସି'ର ଶ୍ରେଷ୍ଠ ଦୁଇଟି ଦଳ ନିଜ ସ୍ତରରୁ ଉପର ଡିଭିଜନକୁ ଉଠିପାରିବେ ଓ ନିମ୍ନ ସ୍ଥାନରେ ଥିବା ଦଳ ଦୁଇଟି ପରବର୍ତ୍ତୀ ସଂସ୍କରଣରେ ନିମ୍ନ ଡିଭିଜନକପ୍। ଏହି ପ୍ରତିଯୋଗିତାର ନକ୍‌ଆଉଟ୍ ପର୍ଯ୍ୟାୟ ଏପ୍ରିଲ ୯ରୁ ଆରମ୍ଭ ହେବ ଓ ଏପ୍ରିଲ ୧୨ରେ ଫାଇନାଲ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଉପକନିଷ୍ଠ ପୁରୁଷ ଜାତୀୟ ହକି ଚାମ୍ପିଅନସିପ୍ ମଧ୍ୟ ଏପ୍ରିଲ ୧ରୁ ଆରମ୍ଭ ହୋଇ ଏପ୍ରିଲ ୧୨ରେ ଶେଷ ହେବ। ଏହି ପ୍ରତିଯୋଗିତାକୁ ବିହାରର ରାଜଗୀରରେ ଆୟୋଜନ କରାଯାଉଛି। ଏହି ପ୍ରତିଯୋଗିତାର ଡିଭିଜନ 'ଏ'ର ପୁଲ୍ 'ଡି'ରେ ଓଡ଼ିଶା, କେରଳ ଓ ମଧ୍ୟପ୍ରଦେଶ ଅଛନ୍ତି।



# ଗୁଜରାଟ ଟାଇଟନ୍ସକୁ ହରାଇଲା ପଞ୍ଜାବ କିଙ୍ଗ୍ସ

**ଚଣ୍ଡିଗଡ଼**

ଆଇପିଏଲ-୨୦୨୬ର ଚତୁର୍ଥ ମୁକାବିଲାରେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ପଞ୍ଜାବ କିଙ୍ଗ୍ସ ୩ ୱିକେଟରେ ବିଜୟୀ ହୋଇଛି। ୧୬୩ ରନ୍‌ର ବିଜୟ ଲକ୍ଷ୍ୟକୁ ପଞ୍ଜାବ ୧୯.୧ ଓଭରରେ ହାସଲ କରିନେଇ ଥିଲା। ଦଳ ୭ଟି ୱିକେଟ୍ ହରାଇ ୧୬୫ ରନ୍ କରିଥିଲା। ଏହି ମ୍ୟାଚ୍‌ରେ କୋପର ନାୟକ ସାଜିଥିଲେ। ଦଳର ଜଣେ ପରେ ଜଣେ ଖେଳାଳି ଯେତେବେଳେ ଆଉଟ୍ ହେଉଥିଲେ, ସେ ସ୍ଥିର ମନ ନେଇ ଖେଳି ଚାଲିଥିଲେ।



ପଞ୍ଜାବ ପାଇଁ କୋନଲି ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ଅପରାଜିତ ୭୨ ରନ୍ ସଂଗ୍ରହ କରିଛନ୍ତି। ୪୪ଟି ବଲ୍ ଖେଳି ସେ ୫ଟି ଚୌକା ଏବଂ ୫ଟି ଛକା ମାରିଛନ୍ତି। ପ୍ରଭସିମରନ ସିଂହ ୨୪ଟି ବଲ୍ ଖେଳି ୩୭ ରନ୍ ସଂଗ୍ରହ କରିଥିଲେ। ସେ ଗୋଟିଏ ଚୌକା ଏବଂ ୪ଟି ଛକା ମାରିଥିଲେ। ଅଧିନାୟକ ଶ୍ରେୟସ ଆୟରଙ୍କ ବ୍ୟାଟ୍‌ରୁ ୧୮ ରନ୍ ସଂଗ୍ରହ ହୋଇଥିଲା। ସେ ୧୧ଟି ବଲ୍ ଖେଳି ୨ଟି ଚୌକା ମାରିଥିଲେ।

ଚଣ୍ଡିଗଡ଼ସ୍ଥିତ ଯଦବିନ୍ଦର ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ମଙ୍ଗଳବାର ଟସ୍ ଜିଣି ଆୟୋଜକ ପଞ୍ଜାବ ଦଳ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଗୁଜରାଟ ବ୍ୟାଟିଂ କରିବାକୁ ପଡ଼ିଆରେ ଓହ୍ଲାଇଥିଲା। ଗୁଜରାଟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୬୨ ରନ୍ ସଂଗ୍ରହ କରିଥିଲା। ଫଳରେ ଏହି ମ୍ୟାଚ୍ ବିଜୟ ପାଇଁ ପଞ୍ଜାବକୁ ୧୬୩ ରନ୍‌ର ଲକ୍ଷ୍ୟ ଦେଇଥିଲା।

ଗୁଜରାଟର ପାଳି ଆରମ୍ଭ କରିଥିଲେ ସାଇ ସୁଦର୍ଶନ ଏବଂ ଅଧିନାୟକ ଶୁବମନ ଗିଲ। ଉଭୟ ପ୍ରାରମ୍ଭିକ ଖେଳାଳି ପ୍ରଥମ ୱିକେଟ୍ ପାଇଁ ୩୭ ରନ୍‌ର ଭାଗିଦାରୀ ହୋଇ ପାରିଥିଲେ। ସାଇ ସୁଦର୍ଶନ ୧୩ ରନ୍ କରି ପାଭିଲିଅନକୁ ଫେରିଥିଲେ। ସେ ୧୧ଟି ବଲ୍ ଖେଳି ୨ଟି ଚୌକା ମାରିଥିଲେ। ଆଉଟ୍ ହେବା ପୂର୍ବରୁ ଅଧିନାୟକ ଦ୍ୱିତୀୟ ୱିକେଟ୍‌ରେ ଜୋସ୍ ବଟଲରଙ୍କ ସହିତ ୪୪ ରନ୍‌ର ଭାଗିଦାରୀ କରିଥିଲେ। ଗିଲ୍ ୨୭ଟି ବଲ୍ ଖେଳି ୬ଟି ଚୌକା ସହାୟତାରେ ବ୍ୟକ୍ତିଗତ ଭାବେ ୩୯ ରନ୍ କରିଥିଲେ।

ବିସ୍ଫୋରକ ବ୍ୟାଟର ଗ୍ଲେନ ଫିଲିପ୍ସ ମଧ୍ୟ ଅଧିକ ସମୟ ପର୍ଯ୍ୟନ୍ତ କ୍ରିଜ୍‌ରେ ତିଷ୍ଠି ପାରି ନଥିଲେ। ସେ ୧୭ଟି ବଲ୍ ସାମ୍ନା କରି ଗୋଟିଏ ଚୌକା ଏବଂ ଗୋଟିଏ ଛକା ବଳରେ ୨୫ ରନ୍ ସଂଗ୍ରହ କରିଥିଲେ। ସେହିପରି ୱାସିଂଟନ ସୁନ୍ଦରଙ୍କ ବ୍ୟାଟରୁ ଗୁଜରାଟକୁ ୧୮ ରନ୍ ମିଳିଥିଲା। ସେ ୧୬ଟି ବଲ୍ ଖେଳି ୨ଟି ଚୌକା ମାରିଥିଲେ।

# ଆଇପିଏଲରୁ ଓହରିଯାଉଥିବା ବିଦେଶୀ ଖେଳାଳିଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କଲେ ଗାଭାସ୍କର



**ନୂଆଦିଲ୍ଲୀ**

କିମ୍ବଦନ୍ତୀ ଭାରତୀୟ କ୍ରିକେଟର ସୁନୀଲ ଗାଭାସ୍କର ଆଇପିଏଲ୍‌ରୁ ଅନ୍ତିମ ସମୟରେ ଓହରିଯାଉଥିବା ବିଦେଶୀ ଖେଳାଳିଙ୍କ ପାଇଁ କଠୋର ଦଣ୍ଡ ଲାଗି ଦାବି କରିଛନ୍ତି। ଏଥିସହିତ ବର୍ତ୍ତମାନ ପ୍ରଚଳିତ ଦଣ୍ଡାଦେଶ କାମ ଦେଉ ନ ଥିବା ସେ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଦିଲ୍ଲୀ କ୍ୟାପିଟାଲ୍ସ ଇଂଲଣ୍ଡ ଓପନର ବେନ ଡକେଟଙ୍କୁ ୨ କୋଟି ଟଙ୍କାରେ କିଣିବା ପରେ ବି ସେ ଆଇପିଏଲ୍ ଆରମ୍ଭ ପୂର୍ବରୁ ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଥିଲେ, ଯାହା ଫଳରେ ଦିଲ୍ଲୀ ଦଳର ପ୍ରସ୍ତୁତି ପ୍ରଭାବିତ ହୋଇଥିଲା।

ଇଂଲଣ୍ଡ ଟେଷ୍ଟ କ୍ୟାରିୟର ଉପରେ ଧ୍ୟାନଦେବାକୁ ଚାହୁଁଛନ୍ତି। ଏହା ବୁଝିବା କଷ୍ଟକର ନୁହେଁ। କିନ୍ତୁ ତାଙ୍କ ନିଷ୍ପତ୍ତିକୁ ବୁଝିବାର ଅର୍ଥ ନୁହେଁ ଯେ, ଲିଗ୍ ପ୍ରଭାବିତ ହେବ। ବିସିସିଆଇକୁ ଏହି ସମ୍ପର୍କରେ ଚିନ୍ତା କରିବାକୁ ପଡ଼ିବ। କାରଣ ଦୁଇ ବର୍ଷ ବ୍ୟାନ ଦଣ୍ଡାଦେଶ କାମ ଦେଉ ନାହିଁ। ଖେଳାଳିଙ୍କୁ ପ୍ରଭାବିତ କଲା ଭଳି ଦଣ୍ଡାଦେଶ ଦରକାର। ଯେଉଁ ପର୍ଯ୍ୟନ୍ତ ଦଣ୍ଡାଦେଶ ଖେଳାଳିଙ୍କୁ ପ୍ରଭାବିତ କରିବ ନାହିଁ, ସେ ପର୍ଯ୍ୟନ୍ତ ଖେଳାଳିଙ୍କର ଆଇପିଏଲ୍‌କୁ ଫେରିବାର ସମ୍ଭାବନା କମ ରହିବ ବୋଲି ଗାଭାସ୍କର କହିଛନ୍ତି।

ବର୍ତ୍ତମାନ ପ୍ରଚଳିତ ନିୟମ ଅନୁଯାୟୀ, ଆଇପିଏଲ୍ ଅକ୍ସନରେ କିଣା ହେବା ପରେ ବିନା କୌଣସି ଆହତ ସମସ୍ୟା ସତ୍ତ୍ୱେ ଲିଗ୍‌ରୁ ଓହରିଲେ ବିଦେଶୀ ଖେଳାଳିଙ୍କୁ ୨ ବର୍ଷ ଲାଗି ବ୍ୟାନ୍ କରାଯିବାର ବ୍ୟବସ୍ଥା ରହିଛି। ଡକେଟଙ୍କ ଭଳି ଗତ ବର୍ଷ ଇଂଲଣ୍ଡର ହ୍ୟାରି ବ୍ରୁକ ମଧ୍ୟ ଲିଗ୍‌ରୁ ଓହରିଯାଇଥିଲେ। ଏଥିଯୋଗୁ ତାଙ୍କୁ ଆଇପିଏଲ୍‌ରୁ ବ୍ୟାନ କରାଯାଇଛି।

# ଆରସିବି ଠାରୁ ୧ ନମ୍ବର ସ୍ଥାନ ଛଡ଼ାଇ ନେଲା ରାଜସ୍ଥାନ ରୟାଲ୍ସ

**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୬ର ଉତ୍ସାହ ଆରମ୍ଭ ହୋଇସାରିଛି ଏବଂ ଲିଗ୍‌ରେ ତିନୋଟି ମ୍ୟାଚ୍ ଖେଳାଯାଇସାରିଛି। ଏହି ତିନୋଟି ମୁକାବିଲାରେ, ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ପରି କିମ୍ବଦନ୍ତୀ ଓ ବୈଭବ ସୂର୍ଯ୍ୟବଂଶୀଙ୍କ ପରି ଯୁବ ତାରକା ଚମତ୍କାର ଫର୍ମ ପ୍ରଦର୍ଶନ କରିଛନ୍ତି। ପ୍ରଶଂସକମାନେ ବହୁତ ଆଶା କରିଥିଲେ ଯେ ଏହି ତିନି ତାରକା ପ୍ରଥମ ମ୍ୟାଚ୍‌ରୁ ହିଁ ସେମାନଙ୍କର ଚମତ୍କାର ପ୍ରଦର୍ଶନ କରିବେ ଏବଂ ତିନିଜଣ ଠିକ୍ ସେହିପରି କରିଥିଲେ ଏବଂ ଦର୍ଶକଙ୍କ ଉତ୍ସାହ ବଢାଇଥିଲେ। ସେମାନେ କେବଳ ନିଜ ନିଜ ମ୍ୟାଚ୍‌ରେ ରନ ସ୍କୋର କରିନଥିଲେ ବରଂ ସେମାନଙ୍କର ଶକ୍ତିଶାଳୀ ଇନିଂସ ବଳରେ ସେମାନଙ୍କ ଦଳକୁ ବିଜୟୀ କରାଇଥିଲେ। ସେମାନଙ୍କ ମଧ୍ୟରେ ବୈଭବ ସୂର୍ଯ୍ୟବଂଶୀ ପ୍ରମୁଖ ଥିଲେ; ତାଙ୍କର ବିସ୍ଫୋରକ ଇନିଂସ ପାଇଁ ରାଜସ୍ଥାନ ରୟାଲ୍ସ ବିଜୟ ହାସଲ କରିଥିଲା ଏବଂ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ପହଞ୍ଚିବାରେ ସଫଳ ହୋଇଥିଲା।

ପ୍ରଥମ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟ ପରେ, ରାଜସ୍ଥାନ ରୟାଲ୍ସ ଏବେ ଆଇପିଏଲ ୨୦୨୬ର ତୃତୀୟ ମ୍ୟାଚ୍‌ରେ ଏକ ବଡ଼ ବିଜୟ ହାସଲ କରିଛି। ରାଜସ୍ଥାନର ଗୌହାଟିର ବରସାପାରା କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ଏହି ପ୍ରତିଯୋଗିତାରେ ନାନ୍ଦ୍ରେ ବର୍ଗର, ଜୋଫ୍ରା ଆର୍ଚର ଏବଂ ରବିନ୍ଦ୍ର ଜାଡ଼େଜାଙ୍କ ଜବରଦସ୍ତ ବୋଲିଂ ଦ୍ୱାରା ଚେନ୍ନାଇ ସୁପର କିଙ୍ଗ୍‌ସକୁ ମୋଟ୍ ମାତ୍ର ୧୨୭ ରନରେ ସୀମିତ ରଖିଥିଲା। ପରବର୍ତ୍ତୀ



ସମୟରେ, ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ମାତ୍ର ୧୫ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ, ଯାହା ଫଳରେ ରାଜସ୍ଥାନ ମାତ୍ର ୧୨.୧ ଓଭରରେ ମାତ୍ର ଦୁଇଟି ୱିକେଟ ହରାଇ ଲକ୍ଷ୍ୟକୁ ପିଛା କରିପାରିଥିଲା। ସିଏସକେ ବିପକ୍ଷରେ ଏହି ୮ ୱିକେଟ ବିଜୟ ସହିତ, ରାଜସ୍ଥାନ ତା'ର ସିଜନର ଆରମ୍ଭ କରିଛି।

ସିଏସକେ ବିପକ୍ଷରେ ବିଜୟ ସହିତ ରାଜସ୍ଥାନ ରୟାଲ୍ସ ଦୁଇଟି ପଏଣ୍ଟ ପାଇ ସେମାନଙ୍କର ଖାତା ଖୋଲିଛି। ଏହି ଦୁଇଟି ପଏଣ୍ଟ ସେମାନଙ୍କୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ମୁମ୍ବାଇ ଇଣ୍ଡିଆନ୍ସ ସହିତ ସମକକ୍ଷ କରିଛି, ଯେଉଁମାନେ ଉଭୟ ନିଜ ନିଜ ପ୍ରାରମ୍ଭିକ ମ୍ୟାଚରେ ମଧ୍ୟ ବିଜୟୀ ହୋଇଥିଲେ। ତଥାପି ରାଜସ୍ଥାନର ବିଜୟ ବିଶେଷ ଗୁରୁତ୍ୱ ରଖେ କାରଣ, ଏତେ ଶୀଘ୍ର ଲକ୍ଷ୍ୟକୁ ପିଛା କରି, ସେମାନେ ନେଟ ରନ ରେଟ (ଏନଆରଆର) ଦୌଡ଼ରେ ଏକ ଯଥେଷ୍ଟ ଅଗ୍ରଣୀ ସ୍ଥାପନ କରିଛନ୍ତି। ଏହି ବିଜୟ ପରେ ରାଜସ୍ଥାନର ଏନଆରଆର ୪.୧୭୧କୁ ବୃଦ୍ଧିପାଇଛି, ଯାହା ସେମାନଙ୍କୁ ଆରସିବିକୁ ପଛରେ ପକାଇ ପଏଣ୍ଟ ଟେବୁଲରେ ଶୀର୍ଷ ସ୍ଥାନ ଦଖଲ କରିବାକୁ ଅନୁମତି ଦେଇଛି। ବାଙ୍ଗାଲୋର ଏବେ ୨.୯୦୭ ଏନଆରଆର ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଛି, ଯେତେବେଳେ ମୁମ୍ବାଇ (୦.୬୮୭) ତୃତୀୟ ସ୍ଥାନରେ ଅଛି। ଏହି ସିଜନର ତୃତୀୟ ମ୍ୟାଚରୁ ରାଜସ୍ଥାନ ରୟାଲ୍ସ ଯେପରି ଗୁରୁତ୍ୱପୂର୍ଣ୍ଣ ଲାଭ ପାଇଛି, ସେହିପରି ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟ ସମାନ ଭାବରେ ଏକ ଗୁରୁତର ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ସିଏସକେ କେବଳ ମ୍ୟାଚ୍ ହାରିନାହିଁ ବରଂ ନେଟ ରନ ରେଟ୍ ଦୃଷ୍ଟିରୁ ଏକ ଗଭୀର ଆଘାତ ପାଇଛି। ଏହି ପରାଜୟ ସହିତ, ସିଏସକେର ନେଟ୍ ରନ ରେଟ୍-୪.୧୭୧କୁ ହ୍ରାସ ପାଇଛି – ଏକ ସଂଖ୍ୟା ଯାହାକୁ ସୁଧାରିବା ପାଇଁ ସମଗ୍ର ସିଜନ ସମୟ ଲାଗିପାରେ। ବର୍ତ୍ତମାନ, ଚେନ୍ନାଇ ଷଷ୍ଠ ସ୍ଥାନରେ ଅଛି; ତଥାପି, ବାକି ଚାରୋଟି ଦଳ ନିଜ ନିଜ ମ୍ୟାଚ୍ ଖେଳିସାରିବା ପରେ, ସିଏସକେ ସିଧାସଳଖ ଟେବୁଲର ତଳକୁ ଖସିଯିବାର ସମ୍ଭାବନା ଅଧିକ।

# ଉତ୍କଳ ଦିବସ ପାଇଁ ସ୍ୱତନ୍ତ୍ର ଶାଢୀ ତିଆରି କଲେ ବୁଣାକାର

**ବୀରମହାରାଜପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ପଞ୍ଚାୟତ ଟିକ୍ରାପଡ଼ା ଗ୍ରାମର ବିନାୟକ ମେହେର ଉତ୍କଳ ଦିବସ ପାଇଁ ଏକ ସ୍ୱତନ୍ତ୍ର ସମ୍ବଲପୁରୀ ଶାଢ଼ୀ ବାନ୍ଧ କାମରେ ଉତ୍କଳ କିରତି ଦୀର୍ଘ ଦେଢ଼ ମାସ କଠିନ ପରିଶ୍ରମ କରି ସଫଳ ହୋଇଛନ୍ତି। ତା ସହିତ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଥିବା ସହିତ ଶାଢୀରେ ଅନେକ ମନ୍ଦିର ଓ ଦର୍ଶନୀୟ ସ୍ଥାନ ଆଙ୍କି ଥିବାର



ଦେଖିବା ପାଇଁ ମିଳିଛି। ଆଙ୍କି ଥିବା ବାନ୍ଧ କଳା ମଧ୍ୟରେ ବଡ଼ଦେଉଳ, ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର, ବିରଜା ମନ୍ଦିର, କୋଣାର୍କ ଚକ୍ର, ଉଦୟଗିରି, ଧଉଳି ପାହାଡ଼, ଖଣ୍ଡଗିରି, ଘୁମରା ଲୋକାନୃତ୍ୟ, ବାରବାଟୀ ଦୁର୍ଗ ଓ ପାଇକ ଲଢେଇ ଇତ୍ୟାଦି ଶାଢୀରେ ସ୍ଥାନ ଦେଇ ତିଆରି କରିବା ପାଇଁ ପ୍ରାୟ ଦେଢମାସ ସମୟ ଲାଗିଥିଲା। ଶାଢୀ ତିଆରି କରିଥିବା ବିନାୟକ ମେହେର ଗତ ସରକାରରେ ୨୦୧୭ ମସିହାରେ ରାଜ୍ୟସ୍ତରୀୟ ପୁରସ୍କାର ମଧ୍ୟ ପାଇଥିବା ଜଣାଯାଇଛି। ଏହି ବର୍ଷ ଆନ ଶାଢ଼ୀ ବୁଣାକାରଙ୍କୁ ଅଞ୍ଚଳରେ ବିଭିନ୍ନ ସ୍ତରରୁ କୃତଜ୍ଞତା ଜଣାଉଥିବା ଜଣାଯାଏ।

# ମା' ବାଲୁଙ୍କେଶ୍ୱରି ମନ୍ଦିରର ବାର୍ଷିକ ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**କଟକ, ନ୍ୟୁଜ୍‌ବ୍ୟୁରୋ**

ମା' ବକୁଙ୍କେଶ୍ୱରି ମନ୍ଦିରରେ ତିନିଦିନ ଧରି ଚାଲୁଥିବା ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ଶତାଧିକ ମହିଳା ବିରାଟ ପଟୁଆରରେ ମାଳିକା ପ୍ରସିଦ୍ଧ ରତ୍ନବଟକୁ କଳସ ଶୋଭାଯାତ୍ରାରେ ବାଜା, ବାଣ, ଘଣ୍ଟ, ମାର୍ଦ୍ଦାକ, କୀର୍ତ୍ତନ ସହ କଳସରେ ପାଣି ଉଠାଇ ଯଜ୍ଞ ମଣ୍ଡପକୁ ଆସିଥିଲେ। ପ୍ରତିଦିନ ସମୂହ ପ୍ରସାଦ ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱରସ୍ୱତୀ ଡାନ୍ସ ଗ୍ରୁପ୍ ଅଶୋକ ପଟ୍ଟନାୟକ, ସ୍ମୃତିଶ୍ରଦ୍ଧା ଓ ଚିତ୍ତ ପ୍ରଧାନ ଗ୍ରୁପ୍ ଦ୍ୱାରା ଅନୁଷ୍ଠିତ ହେବା ସହ ପ୍ରତି ସନ୍ଧ୍ୟାରେ ଭଜନ କୀର୍ତ୍ତନ ହୁଳହୁଳି ସହ ଅଞ୍ଚଳରେ ଏକ ଧାର୍ମିକ ପରିବେଶ ସୃଷ୍ଟି ହୋଇଥିଲା।



ଏଥିରେ ଅଞ୍ଚଳରେ ବ୍ଲକ ଚେୟାରମ୍ୟାନ ଭାଗ୍ୟଲକ୍ଷ୍ମୀ ରାଉତ, ବିଧାୟକ ପ୍ରତିନିଧି ଚିତ୍ତ ରଞ୍ଜନ ସାହୁ, ସରପଞ୍ଚ ରତ୍ନାକର ରାଉତ, ସ୍ଥାନୀୟ ଥାନାର ଭାରପ୍ରାପ୍ତ ଅଧିକାରୀ, ତହସିଲଦାର, ପିଏସ ମେମ୍ବର ସସ୍ମିତା ଦାଶ, ଯଜ୍ଞର କର୍ତ୍ତା ସୁରେନ୍ଦ୍ର ପାତ୍ର, ଶ୍ରୀମତୀ ପାତ୍ର ଅନୁଷ୍ଠାନର ଉପଦେଷ୍ଟା ଉମେଶ ବାଡ଼ି, ସରୋଜ କୁମାର ପାତ୍ର, ବିକାଶ ରାଉତରାୟ, ଗଜେନ୍ଦ୍ର ଭୋଇ, ରବୀନ୍ଦ୍ର ଭୋଇ, ବ୍ରଜକିଶୋର, ସଭାପତି ନୃସିଂହ ଭୋଇ, ସଂପାଦକ ଶେଷଦେବ ଦାଶ କୋଷାଧ୍ୟକ୍ଷ ଭଗବାନ ଭୋଇ, ବିଶ୍ୱଜିତ ବାଡ଼ି, ସାଗର ବେହେରା, ନିରଞ୍ଜନ ବେହେରା, କିର୍ତ୍ତିରଞ୍ଜନ ପାତ୍ର, କେଲୁ ମାହାଳି, ଚିତ୍ତରଞ୍ଜନ ଭୋଇ, ନିଶିରଞ୍ଜନ ପାତ୍ର, ସନ୍ତୋଷ ଭୋଇ, ଚକ୍ରଧର ମୁଦୁଲି, ଶରତ ଚନ୍ଦ୍ର ଭୋଇ, ଦୀପ୍ତିରଞ୍ଜନ ପାତ୍ର, ଶୁକଦେବ ଭୋଇ, ଦିଲ୍ଲୀପ କୁମାର ଭୋଇ, ସୁଧାଂଶୁ ଖୁଣ୍ଟିଆ, ବିଜୟ କୁମାର ବେହେରା ହରିହର ସାହୁ, ଜଗବନ୍ଧୁ ସାହୁ ଓ ସମସ୍ତ ଗ୍ରାମର ମୁରବୀ ଓ ଯୁବକ ବନ୍ଧୁମାନେ ସହଯୋଗ କରିଥିଲେ। ଶେଷରେ ସରୋଜ ପାତ୍ର ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

# ଧର୍ମ ପରିବର୍ତ୍ତନ ଯୋଗୁ ଶବ ସତ୍କାର କରିବାକୁ ଜାଗା ଦେଲେନି ଗ୍ରାମବାସୀ



**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ଦୀର୍ଘ ୧୭ ଘଣ୍ଟା ହେବ ଘରେ ପଡ଼ିରହିଛି ଶବ। ଧର୍ମ ପରିବର୍ତ୍ତନ କରିଥିବା ଯୋଗୁଁ ଗାଁ ଶ୍ମଶାନରେ ଶବ ସତ୍କାର କରିବାକୁ ଜାଗା ଦେଲେ ନାହିଁ ଗ୍ରାମବାସୀ। ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ପୂଜାରୀ-ଭରଣ୍ଡୀ ଗ୍ରାମରେ। ପୂଜାରୀଭରଣ୍ଡୀ ଗ୍ରାମର କିଛି ପରିବାର ନିଜ ମୂଳ ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିଲେ, ଇତି ମଧ୍ୟରେ ବିଳମ୍ବିତ ରାତିରେ ଧର୍ମ ପରିବର୍ତ୍ତନ କରିଥିବା ପରିବାରଙ୍କ ମଧ୍ୟରୁ ଚଇତି ହରିଜନ ନାମକ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିଲା। ସେମାନେ ହିନ୍ଦୁଧର୍ମ ଛାଡ଼ିଥିବା ଯୋଗୁଁ ସେମାନଙ୍କୁ ଗ୍ରାମର ହିନ୍ଦୁ ଶ୍ମଶାନରେ ଶବ ସତ୍କାର ପାଇଁ ଜାଗା ଦେବୁ ନାହିଁ ବୋଲି ଜିଦ୍ ଧରି ବସିଛନ୍ତି ଗ୍ରାମବାସୀ। ଯଦି ଉକ୍ତ ପରିବାର ହିନ୍ଦୁ ଧର୍ମର ରୀତିନୀତି ଅନୁସାରେ ଶବସତ୍କାର କରିବେ ତା'ହେଲେ ଆମେ ଗାଁ ଶ୍ମଶାନରେ ଜାଗା ଦେବୁ ବୋଲି କହିଛନ୍ତି, ନଚେତ ସେମାନଙ୍କ ଧର୍ମର ଶ୍ମଶାନକୁ ନେଇ ସତ୍କାର କରନ୍ତୁ ବୋଲି କହିଛନ୍ତି ହିନ୍ଦୁ ଧର୍ମାବଲମ୍ବୀ ଲୋକେ ଏହାକୁ ନେଇ ଗ୍ରାମରେ ଏକ ପ୍ରକାର ଉତ୍ତେଜନା ଜାରି ରହିଛି। ଘଟଣା ସ୍ଥଳରେ ଉମରକୋଟ ପୋଲିସ ଉପସ୍ଥିତ ରହି ଲୋକଙ୍କୁ ବୁଝାସୁଝା କରୁଥିବା ବେଳେ ସମସ୍ତେ ନିଜ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଅନ୍ୟପଟେ ମୃତ ପରିବାର ଲୋକଙ୍କ କହିବା ହେଲା ଆମେ ଦୀର୍ଘ ଦିନ ହେଲା ଗ୍ରାମରେ ବସବାସ କରୁଛୁ ତେଣୁ ଆମ ମୌଳିକ ଅଧିକାରକୁ ଚପାଇ ଦେବାକୁ ଅନ୍ୟ ପକ୍ଷର ଲୋକେ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ମୃତକଙ୍କ ପରିବାର।

# ଭାଜପାରେ ଯୋଗଦେଲେ ଟେନିସ୍ କିମ୍ବଦନ୍ତୀ ଲିଆଣ୍ଡର ପେସ୍



**ନୂଆଦିଲ୍ଲୀ**

ଭାରତର ଟେନିସ୍ କିମ୍ବଦନ୍ତୀ ଲିଆଣ୍ଡର ପେସ୍ ମଙ୍ଗଳବାର ଭାରତୀୟ ଜନତା ପାର୍ଟି (ଭାଜପା)ରେ ଯୋଗଦେଇଛନ୍ତି। ପଶ୍ଚିମବଙ୍ଗରେ ହେବାକୁଥିବା ବିଧାନସଭା ନିର୍ବାଚନ ପୂର୍ବରୁ ୫୧ ବର୍ଷୀୟ ପେସ୍ ଭାଜପା ହାତ ଧରିଛନ୍ତି। ପେସ୍ ୨୦୨୧ରେ ବର୍ତ୍ତମାନ ସରକାର ଥିବା ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଯୋଗଦେଇଥିଲେ। ଏପରିକି ୨୦୨୨ରେ ଗୋଆ ନିର୍ବାଚନ ବେଳେ ସେ ଟିଏମ୍‌ସି ଲାଗି ପ୍ରଚାର କରିଥିଲେ। ଦୀର୍ଘ ୩ ଦଶନ୍ଧି ଧରି ଭାରତୀୟ ଟେନିସ୍‌ର ଚେହେରା ହୋଇ ରହିଥିଲେ। ସେ ୧୯୯୬ ଆଟ୍‌ଲାଣ୍ଟା ଅଲିମ୍ପିକ୍ସରେ ପୁରୁଷ ସିଙ୍ଗଲ୍ସ ବର୍ଗରେ ବ୍ରୋଞ୍ଜ୍ ପଦକ ଜିତି ଇତିହାସ ରଚିଥିଲେ। ତାଙ୍କର ଏହି ଉପଲବ୍ଧି ସହ ଅଲିମ୍ପିକ୍‌ର ବ୍ୟକ୍ତିଗତ ଇଭେଣ୍ଟରେ ଭାରତର ପଦକ ଆଶା ଶେଷ ହୋଇଥିଲା। ତାଙ୍କ ନାମରେ ୧୮ ଗ୍ରାଣ୍ଡସ୍ଲାମ ଟାଇଟଲ ରହିଛି। ପୁରୁଷ ଡବଲ୍ସରେ ୮ଟି ଓ ମିକ୍ସଡ୍‌ରେ ୧୦ଟି ଗ୍ରାଣ୍ଡସ୍ଲାମ ଜିତିଥିଲେ। ଏପରିକି ସେ ମିକ୍ସଡ୍ ଡବଲ୍ସରେ କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରା କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଡେଭିସ୍ କପ୍ ଦଳ ଉଚ୍ଚ ର୍ୟାଙ୍କ୍‌ଧାରୀ ଦଳ ବିପକ୍ଷରେ ଅନେକ ସ୍ମରଣୀୟ ବିଜୟ ହାସଲ କରିଥିଲା। ଟେନିସ୍‌ରୁ ଅବସର ନେବାପରେ ସେ ନିକଟରେ ବେଙ୍ଗଲ ଟେନିସ୍ ଆସୋସିଏସନ(ବିଟିଏ)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।

# କଟକରେ ମୂଳଦୁଆ ପକାଇବ ଓଡ଼ିଶା ଜନତା କଂଗ୍ରେସ, ଦଳରେ ସାମିଲ୍ ହେବେ ୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଉତ୍କଳ ଦିବସରେ ଓଡ଼ିଶା ଜନତା କଂଗ୍ରେସ(ଓଜେସି) କଟକ ସହରରେ ତା'ର ପ୍ରଥମ ରାଜନୈତିକ କାର୍ଯ୍ୟକ୍ରମ ଆୟୋଜନ କରିବ। ସେଦିନ ହିଁ ସହରରେ ଓଜେସି ମୂଳଦୁଆ ପକାଇବ। ଇଂ. ମହମ୍ମଦ ମୋକିମ୍ ଦଳର ନେତୃତ୍ୱ ନେଉ ଥିବାରୁ ତାଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ଏହି ରାଜନୈତିକ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ତାଙ୍କ ଶିବିର ଚଳଚଞ୍ଚଳ ହୋଇଉଠିଛି। ବିଜୁ ପଟ୍ଟନାୟକ ଛକ ନିକଟବର୍ତ୍ତୀ ଖ୍ରୀଷ୍ଟିଆନ୍ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଓଜେସି କାର୍ଯ୍ୟକ୍ରମରେ ୫ ହଜାରରୁ ଅଧିକ ନେତା, କର୍ମୀ ସାମିଲ୍ ହେବା ପାଇଁ ଲକ୍ଷ୍ୟ ରହିଛି। ଏଥିରେ ନଗର କଂଗ୍ରେସର ବିଭିନ୍ନ ୱାର୍ଡ ସଭାପତିଙ୍କ ଠାରୁ ଆରମ୍ଭ କରି ବହୁ କର୍ମୀ, ସଂଗଠକ ଓ ଅନେକ ଛାମୁଆ ନେତା, ପୂର୍ବତନ କର୍ପୋରେଟର୍ ଓ କର୍ପୋରେଟର୍ ପ୍ରାର୍ଥୀଙ୍କୁ ଓଡ଼ିଶା ଜନତା କଂଗ୍ରେସରେ ସାମିଲ୍ କରାଇବେ। ତେବେ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ କିମ୍ବା କଂଗ୍ରେସ ଟିକେଟରୁ ଜିତିଥିବା କର୍ପୋରେଟର୍ ଏ ସମାବେଶରେ ଯୋଗ ଦେବେ ନାହିଁ ବୋଲି ଖବର ମିଳିଛି। ମୋକିମ୍‌ଙ୍କ ପ୍ରତି ଅନେକ କଂଗ୍ରେସ କର୍ପୋରଟରଙ୍କ ଖୋଲା ସମର୍ଥନ ରହିଥିଲେ ମଧ୍ୟ ଦଳବଦଳ ଆଇନକୁ ଦୃଷ୍ଟିରେ ରଖି ସଭ୍ୟପଦ ବଜାୟ ରଖିବା ପାଇଁ ଏବେକା ସ୍ଥିତିରେ ଓଜେସିର ରାଜନୈତିକ କାର୍ଯ୍ୟକ୍ରମରେ ସେମାନେ ସାମିଲ୍ ହେବେ ନାହିଁ ବୋଲି ଜଣାଯାଇଛି। ସାଲେପୁର କାର୍ଯ୍ୟକ୍ରମ ପରେ ଏପ୍ରିଲ୍ ୧ରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ନିଶ୍ଚିନ୍ତକୋଇଲିରେ ଏକ ମିଶ୍ରଣ ପର୍ବ ମଧ୍ୟ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଦିନ ବେଳା ନିଶ୍ଚିନ୍ତ କୋଇଲିରୁ କାର୍ଯ୍ୟକ୍ରମ ସାରି ଅପରାହ୍ଣରେ ସହରରେ ବଡ଼ ସମ୍ମିଳନୀ ଆୟୋଜନ କରିବା ପାଇଁ ଓଜେସି ପ୍ରସ୍ତୁତି ଚଳାଇଛି। ଅନ୍ୟପକ୍ଷରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା କଂଗ୍ରେସରୁ ବହିଷ୍କୃତ ହେବା ପରେ ଏବେ ଓଜେସିରେ ସକ୍ରିୟ ଅଛନ୍ତି। ସେ ପିସିସି ସଭାପତି ଭକ୍ତ ଦାସଙ୍କୁ କଟୁ ସମାଲୋଚନା କରିବା ସହ କଟକରେ କଂଗ୍ରେସକୁ ଦୁର୍ବଳ କରିବା ପଛରେ ଭକ୍ତଙ୍କ ହାତ ରହିଛି ବୋଲି ଅଭିଯୋଗ କରିଛନ୍ତି। ରାଜ୍ୟରେ ଦୀର୍ଘ ୨୪ ବର୍ଷ କାଳ ବିଜେଡି ସରକାରରେ ରହି କଂଗ୍ରେସକୁ ଦୁର୍ବଳ କରିଛି। ନିର୍ବାଚନରେ କଂଗ୍ରେସର ବହୁତ କ୍ଷତି କରିଥିବା ବିଜେଡି ନେତାଙ୍କ ଶରଣରେ ଏବେ ଭକ୍ତ ବାବୁ ପଶିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ସହରବାସୀଙ୍କ ସମସ୍ୟା ନେଇ ଓଜେସି ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ସହ କଂଗ୍ରେସର ବିକଳ୍ପ ଭାବେ କଟକ ବାସୀଙ୍କ ସହ ରହିବ ବୋଲି ଗିରିବାଳା କହିଛନ୍ତି। କଟକରୁ ଆରମ୍ଭ ହେଉଥିବା ଏହି ସଂଗଠନ ଆଗାମୀ ପୌର ଓ ସାଧାରଣ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ମୋକିମ୍ କହିଛନ୍ତି। ସରକାରଙ୍କ ବିଫଳତାକୁ ଲୋକଲୋଚନକୁ ଆଣିବା ଓ ଲୋକଙ୍କ ସମସ୍ୟାକୁ ନେଇ ଓଜେସି ଲଢ଼େଇ କରିବାକୁ ତାର ନୀତି ସ୍ପଷ୍ଟ କରିଛି। ଯୁବକମାନଙ୍କୁ ସଂଗଠନରେ ଅଗ୍ରାଧିକାର ଦେଉଥିବା ଦଳ ଭାବେ ଆଗାମୀ ଦିନରେ ଓଡ଼ିଶା ରାଜନୀତିରେ ଓଜେସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି।

## ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ୨୧୪ତମ ଆଲୋଚନାଚକ୍ର

# ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସହ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଏକାନ୍ତ ଆବଶ୍ୟକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମଣିଷ ଜୀବନରେ କେବଳ ଶାରୀରିକ, ମାନସିକ ଓ ସାମାଜିକ ସ୍ୱାସ୍ଥ୍ୟ ଯଥେଷ୍ଟ ନୁହେଁ। ମଣିଷର ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟ ପାଇଁ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଅତ୍ୟନ୍ତ ଆବଶ୍ୟକ ବୋଲି କହିଛନ୍ତି ସଭାପତି ଡାକ୍ତର ଅଶୋକ କୁମାର ମହାପାତ୍ର। ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନର ମିଳିତ ଆନୁକୂଲ୍ୟରେ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୧୪ତମ ଆଲୋଚନାଚକ୍ର 'ଆରୋଗ୍ୟମ୍ ସୂତ୍ର' ଶୀର୍ଷକରେ ଯୋଗଦେଇ ଡାକ୍ତର ଅଶୋକ କୁମାର ମହାପାତ୍ର କହିଥିଲେ, ଆମେମାନେ ରୋଗର ଉପଶମ ପାଇଁ ଔଷଧର ସହାୟତା ନ ନେଇ ରୋଗର ନିରାକରଣ ପାଇଁ ଚେଷ୍ଟିତ ରହିଲେ ସୁସ୍ଥ ଜୀବନ ଯାପନ କରିପାରିବା। ଏହି ଅବସରରେ ଡାକ୍ତର ମହାପାତ୍ରଙ୍କ ଲିଖିତ ପୁସ୍ତକ 'ମନର ସ୍ପନ୍ଦନ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ଓ ଡକ୍ଟର ଆରତି କର ଏହି ପୁସ୍ତକର ସମୀକ୍ଷା କରି କହିଲେ ଯେ ଡାକ୍ତର ମହାପାତ୍ରଙ୍କ ପୁସ୍ତକରେ ଆଧ୍ୟାତ୍ମିକ ଚିନ୍ତାଧାରାକୁ ନେଇ ବହୁ ପ୍ରବନ୍ଧ ବୈଜ୍ଞାନିକ ଦୃଷ୍ଟିକୋଣରୁ ଆଲୋଚନା କରି ପୁସ୍ତକକୁ ଏକ ନୂତନ ଢଙ୍ଗରେ ଉପସ୍ଥାପିତ କରିପାରିଛନ୍ତି। ସାମାଜିକ ଓ ଶାରୀରିକ ସ୍ୱାସ୍ଥ୍ୟ ସହିତ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଅତ୍ୟନ୍ତ ଜରୁରୀ ବୋଲି ପୁସ୍ତକରେ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରିଛନ୍ତି। ଏହି

### ଡାକ୍ତର ଅଶୋକ ମହାପାତ୍ରଙ୍କ 'ମନର ସ୍ପନ୍ଦନ' ଉନ୍ମୋଚିତ ଓ ଡ. ଶିତକଣ୍ଠ ଦାଶଙ୍କୁ ଅନନ୍ୟ ସମ୍ମାନ




ସଭାରେ 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ' ତରଫରୁ ବିଶିଷ୍ଟ ବୈଜ୍ଞାନିକ, ଶିଳ୍ପପତି ତଥା ଶ୍ରୀଜଗନ୍ନାଥପ୍ରେମୀ କଳିଙ୍ଗ ହସ୍ପିଟାଲ ଲିମିଟେଡ୍‌ର ଅଧ୍ୟକ୍ଷ ଡାକ୍ତର ଶିତକଣ୍ଠ ଦାଶଙ୍କୁ 'ଅନନ୍ୟ' ସମ୍ମାନରେ ଅତିଥିଗଣ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଡାକ୍ତର ଦାଶ ତାଙ୍କ ଜୀବନରେ କିପରି ଯୁବକ ଅବସ୍ଥାରେ ଶିକ୍ଷା ଶେଷ କରି ଆମେରିକାରେ ଉଚ୍ଚତର ଗବେଷଣା କରି ଉପକାରୀ କୀଟାଣୁକୁ ନେଇ ନୂତନ ଉଦ୍ଭାବନ କରି ବିଶ୍ୱରେ ଏହାର ବିତରଣ ପାଇଁ ନୂତନ ଉଦ୍ୟୋଗ ସୃଷ୍ଟି କରି ଏହାର ଲାଭାଂଶରୁ ଅର୍ଦ୍ଧାଧିକ ଅଂଶ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଜନହିତକାରୀ କାର୍ଯ୍ୟ ତଥା ଓଡ଼ିଶାର ସାହିତ୍ୟ ସଂସ୍କୃତି ତଥା ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଦିଗରେ ବିନିଯୋଗ କରି ଆତ୍ମସନ୍ତୋଷ ପାଇଛନ୍ତି ବୋଲି ସ୍ୱୀକାର କରିଥିଲେ।

ସମ୍ମାନିତ ବକ୍ତା ହୋମିଓପ୍ୟାଥିକ୍ ଡାକ୍ତର ତଥା ସୁଲେଖକ ଉପେନ୍ଦ୍ର ପ୍ରସାଦ ନାୟକ ହୋମିଓପ୍ୟାଥି ଔଷଧର ଗୁଣ ସମ୍ପର୍କରେ ବର୍ଣ୍ଣନା କରି କହିଲେ ଯେ ହୋମିଓପ୍ୟାଥି ଔଷଧ ଶରୀରକୁ ପ୍ରାକୃତିକ ଉପଚାରରେ ଉପଶମ କରିଥାଏ। ଏହାର କୌଣସି ଆନୁସଙ୍ଗିକ ଦୁଷ୍ପ୍ରଭାବ ଲକ୍ଷ୍ୟ କରାଯାଏ ନାହିଁ। ଏହା ଛୋଟ ଦାନା ଭାବେ ଦିଆଯାଉଥିବାରୁ ପିଲା ଓ ବୃଦ୍ଧମାନଙ୍କୁ ଦେଶି ଔଷଧ ପସନ୍ଦ। ଦିନ ଦିନ ଧରି ଅସୁସ୍ଥ ବ୍ୟକ୍ତିଙ୍କୁ ଏହା ଧିରେ ଧିରେ ଆରୋଗ୍ୟ କରାଇଥାଏ। ଆଣ୍ଠୁଗଣ୍ଠି ବାତ, ଶ୍ୱାସଜନିତ ରୋଗ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ହୋମିଓପ୍ୟାଥି ପସନ୍ଦଯୋଗ୍ୟ ଔଷଧ ବୋଲି ସେ କହିଥିଲେ।

ମୁଖ୍ୟବକ୍ତା ବୈଦଶ୍ରୀ ଗୋପାଳ ଚନ୍ଦ୍ର ନନ୍ଦ କହିଲେ ଯେ ଆୟୁର୍ବେଦ ୫୦୦୦ ବର୍ଷର ପୁରାତନ ଚିକିତ୍ସା ପଦ୍ଧତି ଯାହା ଶରୀରର ମନ ଓ ଆତ୍ମାର ସନ୍ତୁଳନ ରକ୍ଷାକରି ଶରୀରକୁ ରୋଗ ନିରାକରଣ ଓ ଶକ୍ତି ପ୍ରଦାନ କରି ସୁସ୍ଥ କରାଇଥାଏ। ବିଭିନ୍ନ ପ୍ରକାର ପ୍ରାକୃତିକ ଗଛ ଯଥା ଅଶ୍ୱଗନ୍ଧା, ବ୍ରାହ୍ମୀ, ତୁଳସୀ, ଅଁଳା, ତ୍ରିଫଳା ଓ ହଳଦୀର ବିଭିନ୍ନ ଅଂଶକୁ ନେଇ ଯେଉଁ ଔଷଧ ପ୍ରସ୍ତୁତ ହୁଏ ତାହା ଶରୀରରେ ହଜମ କ୍ରିୟା ଠାରୁ ଆରମ୍ଭ କରି ସ୍ନାୟୁଜନିତ ରୋଗ ଓ ଚର୍ମରୋଗ ଏପରିକି ମାନସିକ ଚାପଜନିତ ରୋଗ ପାଇଁ ସବୁଠାରୁ ବେଶି ଫଳପ୍ରଦ। ଯୋଗ ପ୍ରାଣାୟାମ ମଧ୍ୟ ଏହି ଚକିତ୍ସା ସହ ଜାରି ରଖିଲେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ ଅଟେ। ସେ ତା'ଙ୍କ ଜୀବନରେ ଆୟୁର୍ବେଦକୁ ନେଇ ଗବେଷଣା ତଥ୍ୟ ପ୍ରଦାନ କରିଥିଲେ।

ଏହି ସଭାରେ ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିଲେ ସଂପାଦକ ପୀତବାସ ରାଉତରାୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ଆବାହାକ ରମାକାନ୍ତ ମିଶ୍ର। ପ୍ରାରମ୍ଭରୁ ଭକ୍ତିସଂଗୀତ ପରିବେଷଣ କରିଥିଲେ ମଧୁସ୍ମିତା ବିଶ୍ୱାଳ, ଭୁବନେଶ୍ୱରୀ ବେହେରା, ସଙ୍ଗୀତା ତ୍ରିପାଠୀ ଓ ରଶ୍ମିତା ରାଉତ। ଏହି ସଭାରେ ବହୁ ବୁଦ୍ଧିଜୀବୀ ଓ ଆଗ୍ରହୀ ବ୍ୟକ୍ତିଗଣ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସଭା ଆରମ୍ଭରୁ ମୁକ୍ତ ଚିନ୍ତନ ମଞ୍ଚର ବରିଷ୍ଠ ସଭ୍ୟ ତାରେଶ୍ୱର ତ୍ରିପାଠୀଙ୍କ ଆକସ୍ମିକ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା।





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିରୋଧୀ ଦଳ ...

କଂଗ୍ରେସ ଏକାଠି ହୋଇ ଯେଉଁ ଶକ୍ତି ପ୍ରଦର୍ଶନ କଲେ ତାହା ଗଣତନ୍ତ୍ର ପାଇଁ ଶୁଭ ସୂଚନା। ସେହିପରି ବିଧାନସଭାରେ ବିଜେଡ଼ି-କଂଗ୍ରେସ ଦୁଇ ବିରୋଧୀ ଦଳ କାନ୍ଧରେ କାନ୍ଧ ମିଶାଇ ଭାଇ ଭାଇ ହୋଇ ଯେପରି ଗୃହକୁ ଅଚଳ କରିବାକୁ ଏକାଠି ଲଢେଇ କଲେ ଯଦି ସେମାନେ ଏକାଠି ହେବା ପୂର୍ବରୁ ନିଜ ନିଜ ଦଳର ବିଧାୟକମାନଙ୍କୁ ବିଶ୍ୱାସକୁ ନେଇଥାନ୍ତେ ତା'ହେଲେ ରାଜ୍ୟସଭା ନିର୍ବାଚନବେଳେ ଏକ ସଙ୍ଗେ ଏତେ ସଦସ୍ୟ ଦଳର ହାତ ଛାଡ଼ିନଥାନ୍ତେ। ଆଖିରେ ଲୁହ ନଥାଇ କାନ୍ଦିବା ଶୋଭା ପାଉନି ବୋଲି ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ଉଦ୍ଦେଶ୍ୟରେ କହିବା ସହ ଏସସିବି ଅଗ୍ନିକାଣ୍ଡ ଘଟଣାରେ ପୂର୍ଣ୍ଣାଙ୍ଗ ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ।

## ବିକାଶ ପଥରେ...

ରାଜ୍ୟରେ ପେଟ୍ରୋଲ, ଡିଜେଲ ବା ଗ୍ୟାସର କୌଣସି ସଙ୍କଟ ନାହିଁ ଓ ପର୍ଯ୍ୟାପ୍ତ ପରିମାଣର ଗଚ୍ଛିତ ଅଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିଛନ୍ତି । ଗତ ୨୪ ବର୍ଷର ସୁଶାସନ ସମୟରେ ଓଡ଼ିଶାର ଚାଷୀଙ୍କ ଆୟ ଦେଶରେ ସବୁଠାରୁ ନିମ୍ନରେ ଥିବାବେଳେ ପୂର୍ବ ସରକାର କେବଳ ସ୍ଲୋଗାନରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା କଥା କହୁଥିଲେ ବୋଲି ସେ କଟାକ୍ଷ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ରାଜ୍ୟ ସରକାର ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟକୁ ୧.୮ ଲକ୍ଷ ଟଙ୍କାରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଜୀବନଧାରଣର ମାନରେ ଉନ୍ନତି ଆଣିବା, ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତ କୁ ହ୍ରାସ କରିବା, ମହିଳା ଶ୍ରମିକଙ୍କ ଅଂଶଗ୍ରହଣକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା, ହାରାହାରି ଆୟୁଷକୁ ୮୦ ବର୍ଷରୁ ଅଧିକ କରିବା ଏବଂ ରକ୍ତହୀନତା ଓ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଓଡ଼ିଶାରେ ବିଶ୍ୱସ୍ତରୀୟ ଶିକ୍ଷା ବ୍ୟବସ୍ଥା ପ୍ରତିଷ୍ଠା କରିବା ଏବଂ ଯୁବପିଢ଼ିଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରଦାନ କରିବା ପାଇଁ ସରକାର ଏହି ବଜେଟ୍‌ରେ କେତେକ ବୈପ୍ଲବିକ ପଦକ୍ଷେପ ଗ୍ରହଣ କରିଛନ୍ତି । ଉଚ୍ଚଶିକ୍ଷାର ସମ୍ପ୍ରସାରଣ ପାଇଁ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଏବଂ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟାଳୟରେ ଚାରିଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ, ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏତଦ୍ ବ୍ୟତୀତ ରାଜ୍ୟର ଶିଳ୍ପ ଓ ଖଣି କ୍ଷେତ୍ରକୁ ଦୃଷ୍ଟିରେ ରଖି କେନ୍ଦୁଝରସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜରେ ଖଣି ଏବଂ ଧାତୁ ବିଜ୍ଞାନ ପାଇଁ ଏକ ସେଣ୍ଟର ଅଫ୍ ଏକ୍ସିଲେନ୍ସର ପ୍ରତିଷ୍ଠା କରାଯାଇ ଓଡ଼ିଶାରେ କୁଶଳୀ ଯୁବଶକ୍ତି ସୃଷ୍ଟି କରାଯିବ। ଆଗାମୀ ଦିନରେ ବିଧାନସଭାକୁ ଅଧିକ ସଂଖ୍ୟକ ସଦସ୍ୟ-ସଦସ୍ୟା ନିର୍ବାଚିତ ହୋଇ ଆସି ପାରନ୍ତି। ସେହିପରି ଦିନକୁ ଦିନ ଶାସନ-ପ୍ରଶାସନର କଳେବର ବୃଦ୍ଧି ପାଉଛି। ଏହି ସମସ୍ୟାର ଆଶୁ ସମାଧାନ ପାଇଁ ଆମ ସରକାର ଏକ ନୂତନ ବିଧାନସଭା ଭବନ ଓ ନୂଆ ଲୋକସଭା ଭବନର ନିର୍ମାଣ କରିବାକୁ ଯାଉଛନ୍ତି। ଏଥିପାଇଁ ଆବଶ୍ୟକ ଅର୍ଥ ପ୍ରାବଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ହବ୍‌ରେ ପରିଣତ କରିବା ପାଇଁ ଆମ ସରକାର ଏହି ବଜେଟରେ ଅତ୍ୟନ୍ତ ଦୂରଦର୍ଶୀ ପଦକ୍ଷେପ ମାନ ଗ୍ରହଣ କରିଛନ୍ତି। ପୁରୀଠାରେ ପ୍ରାୟ ୧୫ ଶହ ଏକର ଅଞ୍ଚଳରେ ପରିକଳ୍ପିତ "ଶାମୁକା ପ୍ରକଳ୍ପ" ନୈସର୍ଗିକ ବେଳାଭୂମି ଓ ଅତ୍ୟାଧୁନିକ ଭିତ୍ତିଭୂମିର ସମନ୍ୱୟରେ ଏକ ଅନନ୍ୟ ଉପକୂଳବର୍ତ୍ତୀ ପର୍ଯ୍ୟଟନ କେନ୍ଦ୍ର ପାଲଟିବ । ଏଠାରେ ସ୍ଥାପିତ ହେବାକୁ ଥିବା ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ଆନ୍ତର୍ଜାତୀୟ ସମ୍ମିଳନୀ ଓ ପ୍ରଦର୍ଶନୀ ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ସାଜିବ । ସେହିଭଳି, ହୀରାକୁଦ ଜଳଭଣ୍ଡାର ଓ ଦେବ୍ରିଗଡ଼ ଅଭୟାରଣ୍ୟକୁ ନେଇ ଏକ ସମନ୍ୱିତ ମାଷ୍ଟର ପ୍ଲାନ୍ ମାଧ୍ୟମରେ ଏକ ସ୍ଥାୟୀ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ଆହୁରି ଭୟଙ୍କର...

ଦିନଗୁଡ଼ିକ ନିର୍ଣ୍ଣାୟକ ହେବାକୁ ଯାଉଥିବା ସେ ଚେତାଇ ଦେଇଛନ୍ତି। ସେପଟ ଇରାନକୁ ଚାରିପଟୁ ଘେରି ସ୍ଥଳଭାଗରେ ସମରସଜ୍ଜା କରୁଛି ଆମେରିକା। ଇରାନର ସବୁ ଶକ୍ତିକୁ ଟାର୍ଗେଟ କରିବା ପାଇଁ ଅପରେସନ ଜାରି ରହିବ ବୋଲି କହିଛନ୍ତି ଆମେରିକୀୟ ସେନା ଅଧିକାରୀ। ସେପଟେ କିନ୍ତୁ ଆମେରିକୀୟ ସୈନ୍ୟଙ୍କୁ ମୁକାବିଲା ପାଇଁ ପ୍ରସ୍ତୁତ ଥିବା କହିଛି ଇରାନ୍। ଇରାନ୍ ତା'ର ସୈନ୍ୟ ବଳ ସହ ମିଜାଇଲକୁ ମହାଅସ୍ତ୍ର କରିବାକୁ ରଣନୀତି ତିଆରି କରିଛି। ମିସାଇଲ୍ ମାଡ଼ରେ ଇସ୍ରାଏଲ୍ ତୈଳ ଭଣ୍ଡାର ଉଡ଼ାଇଦେଲା ଇରାନ। ଆମେରିକା ବି ଇରାନରେ କଲା ବଡ଼ ଏୟାରଷ୍ଟ୍ରାଇକ୍। ମାତ୍ର ଏଇ ୨୦ ଘଣ୍ଟା ତଳେ ଆମେରିକା-ଇସ୍ରାଏଲ ଓ ଇରାନରେ ବଡ଼ ଧରଣର ଆକ୍ରମଣ ହୋଇଛି। ଇରାନ ଉପରେ ଆମେରିକା ଶକ୍ତିଶାଳୀ ଆଟାକ୍ କରିଥିବା ବେଳେ ଇରାନ ମଧ୍ୟ ଉଭୟ ଆମେରିକା ଓ ଇସ୍ରାଲକୁ କଡ଼ା ଜବାବ ଦେଇଛି। ଫଳରେ ଇସ୍ରାଏଲରେ ଧ୍ୱଂସ ହୋଇଛି ତୈଳ ବିଶୋଧନାଗାର। ଯୁଦ୍ଧ ନିଆଁରେ ଜଳୁଛି ଇସ୍ରାଏଲର ତୈଳ ଭଣ୍ଡାର। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଥମିବା ବଦଳରେ ଆହୁରି ଭୟଙ୍କର ହେଉଛି । ଧୀରେ ଧୀରେ ୩ ଦେଶର ଯୁଦ୍ଧ ମହାଯୁଦ୍ଧ ଆଡ଼କୁ ମୁହାଁଉଛି। ସୋମବାର ଇସ୍ରାଏଲର ପୋର୍ଟ ସିଟି ହାଇଫାରେ ଏକ ତୈଳ ବିଶୋଧନାଗାରେ ମିସାଇଲ୍ ମାଡ଼ କରିଛି ଇରାନ୍। ଇସ୍ରାଏଲର ଡିଫେନ୍ସ ସିଷ୍ଟମ ଆକାଶମାର୍ଗରେ କ୍ଷେପଣାସ୍ତ୍ରକୁ ପ୍ରତିହତ କରିଥିଲେ ବି ଏହାର ଭଗ୍ନ ଅଂଶ ଇନ୍ଧନ ଟ୍ୟାଙ୍କର ଉପରେ ପଡ଼ିଥିଲା। ଫଳରେ ରିଫାଇନାରୀ ପରିସରରେ ଭୟଙ୍କର ଅଗ୍ନିକାଣ୍ଡ ହୋଇଥିଲା। ଏଥିରେ ଏକ ଇନ୍ଧନ ଟ୍ୟାଙ୍କର ଓ ଶିଳ୍ପ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ହେଲେ ଇସ୍ରାଏଲ ଶକ୍ତି ମନ୍ତ୍ରୀ କହିଛନ୍ତି ଉତ୍ପାଦନ କେନ୍ଦ୍ରଗୁଡ଼ିକର କୌଣସି ବଡ଼ ଧରଣର କ୍ଷତି ହୋଇନାହିଁ। ଦେଶରେ ତୈଳ ଯୋଗାଣ ବାଧାପ୍ରାପ୍ତ ହେବ ନାହିଁ। ଯୁଦ୍ଧକୁ ଗୋଟିଏ ମାସ ପୂରିସାରିଛି ହେଲେ ଲଢ଼େଇ ଥମିବାରେ ନାଁ ଧରୁନି। ଯୁଦ୍ଧର ମାସେ ଭିତରେ ଦ୍ୱିତୀୟ ଥର ପାଇଁ ହାଇଫା ତୈଳ ବିଶୋଧନାଗାର ଉପରେ ଇରାନ ମିସାଇଲ୍ ମାଡ଼ କରିଛି। ହାଇଫା ବିଶୋଧନାଗାର ହେଉଛି ଇସ୍ରାଏଲର ସବୁଠାରୁ ବଡ଼ ତୈଳ ବିଶୋଧନାଗାର। ଏହିଠାରୁ ହିଁ ଦେଶର ଆଭ୍ୟନ୍ତରୀଣ ବଜାର ପାଇଁ ଆବଶ୍ୟକ ହେଉଥିବା ପେଟ୍ରୋଲ, ଡିଜେଲ, ବିମାନ ଇନ୍ଧନ ଓ ଅନ୍ୟାନ୍ୟ ପେଟ୍ରୋକେମିକାଲ୍ ଉତ୍ପାଦର ଏକ ବଡ଼ ଅଂଶ ଯୋଗାଯାଇଥାଏ। ଏହା ନଷ୍ଟ ହେଲେ ଦେଶର ଶକ୍ତି ଆବଶ୍ୟକତାର ମେରୁଦଣ୍ଡ ଦୋହଲିଯିବ। ତେଣୁ ଇସ୍ରାଏଲର ଶକ୍ତି ମେରୁଦଣ୍ଡକୁ ଇରାନ ବାରମ୍ବାର ଆଟାକ୍ କରୁଛି। ଆଉ ଆମେରିକାକୁ ବି ଚେକ୍ ଦେବାକୁ ଚେଷ୍ଟା କରୁଛି ଇରାନ୍। ଇରାନ ଉପରେ ଆମେରିକାର ଶକ୍ତିଶାଳୀ ଆଟାକ କରୁଛି। ହେଲେ ଇରାନ ବି ଆମେରିକାକୁ ମୁହଁତୋଡ଼ ଜବାବ ଦେଉଛି। ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ହାର୍ ସ୍ୱୀକାର କରିବାକୁ କହିଥିଲେ। ଏମିତିକି ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲ୍ଲୀ ଖାମେନେଇଙ୍କୁ ହତ୍ୟା ପରେ ଯୁଦ୍ଧରେ ଆମେରିକା ବିଜୟ ହୋଇଛି ବୋଲି କହି ଇରାନକୁ ଧମକ ଦେଇଥିଲେ। ହେଲେ ଟ୍ରମ୍ପଙ୍କ ଧମକ ପରେ କଡ଼ା ଜବାବ ଦେଇଥିଲା ଇରାନ୍। ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର୍ ବା ଆଇଆରଜିସି କହିଛି, ଆମର ଗୋଟିଏ ସ୍ଥାନକୁ ଆଘାତ କଲେ, ତାବଦଳରେ ସେମାନଙ୍କୁ ଅନେକ ଗୁଣା ଅଧିକ କ୍ଷତି ମିଳିବ।

## ନିନ୍ଦା ପ୍ରସ୍ତାବ ...

ଜାରି ରଖିଥିଲେ । ବାଚସ୍ପତିଙ୍କ ଅନୁମତିକ୍ରମେ ବିରୋଧିଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ବକ୍ତବ୍ୟ ରଖିଥିଲେ ଏବଂ ବିଜୁ ପଟ୍ଟନାୟକଙ୍କ ପ୍ରତି ଦିଆଯାଇଥିବା ଅପମାନ ସୂଚକ ମନ୍ତବ୍ୟ ସମଗ୍ର ଓଡ଼ିଆ ଜାତି, ଓଡ଼ିଶାର ସ୍ୱାଭିମାନ ପ୍ରତି ଘୋର ଆଘାତ ଦେଇଥିବା ଉଲ୍ଲେଖ କରି ଏହାର ଦୃଢ଼ ପ୍ରତିବାଦ ଓ ନିନ୍ଦା କରିଥିଲେ । ଏପରି ମନ୍ତବ୍ୟକୁ ଗୃହ ନିନ୍ଦା କରୁ ବୋଲି ଏକ ପ୍ରସ୍ତାବ ଦଳ ପକ୍ଷରୁ ନୋଟିସ୍ ଆକାରରେ ଦିଆଯାଇଥିବାରୁ ତାହାକୁ ଗ୍ରହଣ କରି ଗୃହରେ ଆଲୋଚନା ପାଇଁ ଶ୍ରୀ ଆଚାର୍ଯ୍ୟ ବାଚସ୍ପତିଙ୍କୁ ନିବେଦନ କରିଥିଲେ । ଏହି ପ୍ରସଙ୍ଗରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ୍, ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ପ୍ରମୁଖ ବିଜୁ ପଟ୍ଟନାୟକଙ୍କୁ ଓଡ଼ିଶାର ଗର୍ବ ଓ ଗୌରବ ବୋଲି ବର୍ଣ୍ଣନା କରିଥିଲେ। ସେମାନେ ମଧ୍ୟ ନିନ୍ଦା ପ୍ରସ୍ତାବ ଗୃହରେ ଆଲୋଚନା ଓ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ । ବିଜେଡ଼ିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ବିଜେପି ବିଧାୟକ ସରୋଜ ପାଢ଼ୀ, ସନାତନ ବିଜୁଳି ପ୍ରମୁଖ ଏଥିରେ ଭାଗ ନେଇ ବିଜୁବାବୁଙ୍କୁ ଆମେ ସମସ୍ତେ ଓଡ଼ିଶାର ଗର୍ବ ଓ ଗୌରବର ପ୍ରତୀକ ବୋଲି ମାନ୍ୟତା ଦେଇଆସିଛୁ ବୋଲି କହିଥିଲେ । ଏହି ପ୍ରସଙ୍ଗରେ ବାଚସ୍ପତି ତାଙ୍କ ରୁଲିଂରେ କହିଥିଲେ ଏ ସମ୍ପର୍କରେ ସେ ନୋଟିସ୍ ପାଇଛନ୍ତି ଏବଂ ତାହା ଉପରେ ବିଜିନେସ୍ ଆଡଭାଇଜରୀ କମିଟି ସହ ଆଲୋଚନା କରି ପରବର୍ତ୍ତୀ ସମୟରେ ଗୃହକୁ ଜଣାଇବେ । ତେବେ ବିରୋଧି ଦଳର ବିଧାୟକମାନେ ଏହି ପ୍ରସଙ୍ଗ ତୁରନ୍ତ ଗୃହରେ ଆଲୋଚନା କରାଯାଉ ବୋଲି ଦାବି ଉଠାଇଥିଲେ । ଦୀର୍ଘ ସମୟ ଧରି ଗୃହରେ ଏ ସମ୍ପର୍କରେ ବିତର୍କ ଲାଗି ରହିଥିଲା।

## ଦୁବେଙ୍କ ମନ୍ତବ୍ୟ...

ଏକ ମନ୍ତବ୍ୟ ଅପରିମାଣଦର୍ଶୀ ବୋଲି ଉଲ୍ଲେଖ କରିଛନ୍ତି। ଏହା କୌଣସି ମତେ ଗ୍ରହଣୀୟ ନୁହେଁ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏହି ମନ୍ତବ୍ୟ ମୁଖ୍ୟମନ୍ତ୍ରୀଙ୍କ ଠୁ ନେଇ ଆମ ସଭିଙ୍କୁ ଗଭୀର ଭାବେ ବ୍ୟଥିତ କରିଛି। ଏପରି ମନ୍ତବ୍ୟ ଓ ପ୍ରତି ମନ୍ତବ୍ୟ ଆଉ ଯେପରି କେହି ନଦେବେ ସେଥିପାଇଁ ଆମେ ନିବେଦନ କରୁଛୁ। ଏହାକୁ ନେଇ କୌଣସି ରାଜନୀତି କରିବା ବିଜୁଙ୍କ ସମ୍ମାନ ପ୍ରତି ଏହା ଆଘାତ ଦେବ ବୋଲି ସେ କହିଛନ୍ତି।

## ଉପକୂଳ କୋହଲା...

ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟର ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏଥିସହ ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ଆଶଙ୍କାକୁ ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୱାର୍ଣ୍ଣିଂ ଜାରି ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ମୁତାବକ ଉତ୍ତର-ପଶ୍ଚିମ ଉତ୍ତରପ୍ରଦେଶ ଉପରେ ରହିଥିବା ଉପର ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ଦେଇ ଏକ ଟ୍ରଫ୍‌ଲାଇନ୍ ଆଭ୍ୟନ୍ତର ଓଡ଼ିଶା, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଦେଇ ଗତି କରୁଛି। ଏହାର ପ୍ରଭାବରେ ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର କିଛି କିଛି ଅଞ୍ଚଳରେ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି ବେଗରେ ପବନ ବହିପାରେ। ଏଥିସହ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହେବ। ଏଣୁ ଏହି ସବୁ ଜିଲ୍ଲା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରିହୋଇଛି। ସାରା ଓଡ଼ିଶାରେ ବିଜୁଳି, ଘଡ଼ଘଡ଼ି ସହ ଝଡ଼ବର୍ଷାର ଆଶଙ୍କା ବି ରହୁଛି। ୧ରୁ ୩ ତାରିଖ ଦିନ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ବୁଧବାର ରାଜଧାନୀ ଭୁବନେଶ୍ୱରର ପାଗ ଆଂଶିକ ମେଘୁଆ ରହିବ। ଝଡ଼ବର୍ଷା ବି ହୋଇପାରେ। ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୭ ଡିଗ୍ରୀ ମଧ୍ୟରେ ରହିବ।

## ମଧ୍ୟପ୍ରାଚ୍ୟ ଯୁଦ୍ଧର ...

ମୂଲ୍ୟ ମଧ୍ୟ ଅନାହାର ଏବଂ ଖାଦ୍ୟ ସଙ୍କଟର ଆଶଙ୍କା ସୃଷ୍ଟି କରିଛି। ଏହି ଦେଶଗୁଡ଼ିକୁ ଏବେ ବାହ୍ୟ ସହାୟତାର ଘୋର ଆବଶ୍ୟକତା ପଡ଼ିପାରେ। ଜାହାଜଗୁଡ଼ିକର ପୁନଃପଥ ପରିବର୍ତ୍ତନ ଯୋଗୁଁ ପରିବହନ ଏବଂ ବୀମା ଖର୍ଚ୍ଚ ବୃଦ୍ଧି ପାଇଛି। ସାମଗ୍ରୀ ଯୋଗାଣରେ ବିଳମ୍ବ ଘଟୁଛି, ଯାହା ଫଳରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରଠାରୁ ଆରମ୍ଭ କରି ପ୍ରମୁଖ ସାମଗ୍ରୀ ପର୍ଯ୍ୟନ୍ତ ସବୁକିଛିର ମୂଲ୍ୟ ବୃଦ୍ଧି ପାଉଛି। ଏହା ବ୍ୟତୀତ, ଉପସାଗରୀୟ ଅଞ୍ଚଳ ହିଲିୟମର ଏକ ପ୍ରମୁଖ ଯୋଗାଣକାରୀ; ଏହି ଗ୍ୟାସର ଅଭାବ ସେମିକଣ୍ଡକ୍ଟର ଏବଂ ଚିକିତ୍ସା ଉପକରଣର ଉତ୍ପାଦନକୁ ପ୍ରଭାବିତ କରିବ। ୟୁରୋପ ପୁଣି ଥରେ ଏକ ଗମ୍ଭୀର ଗ୍ୟାସ ସଙ୍କଟ ଆଡ଼କୁ ମୁହାଁଇଛି। ରିପୋର୍ଟ ଅନୁଯାୟୀ, ଇଟାଲୀ ଏବଂ ୟୁକେ ଏହି ସଙ୍କଟର ପ୍ରଭାବ ବହନ କରିବେ, ଫ୍ରାନ୍ସ ଏବଂ ସ୍ପେନ୍ ସେମାନଙ୍କର ପରମାଣୁ ଶକ୍ତି କ୍ଷମତା ଯୋଗୁଁ ଅନେକ ପରିମାଣରେ ସୁରକ୍ଷିତ ରହିପାରନ୍ତି। ଯୁଦ୍ଧ ଯୋଗୁଁ ବିଶ୍ୱ ଶେୟାର ବଜାର ହ୍ରାସ ପାଇବା ଆରମ୍ଭ କରିସାରିଛି। ଆର୍ଥିକ ପରିସ୍ଥିତି କଠିନ ହେବା ସହିତ ନିବେଶ ହ୍ରାସ ପାଇବାର ଆଶା କରାଯାଉଛି ଏବଂ ବେକାରୀ ବୃଦ୍ଧି ପାଇବାର ଆଶଙ୍କା ରହିଛି।

## 'ପୋଷଣ' ଓ ...

କଳର ଅପାରଗତା ଯୋଗୁ ଓଡ଼ିଶାର ଗରିବ ଶିଶୁଙ୍କ ପୋଷଣ ଅଧିକାର ପ୍ରଭାବିତ ହୋଇଥିଲା। ସେହିପରି ରାଜ୍ୟ ସରକାର ପୋଷଣ ଅଭିଯାନରେ ୨.୧୯ କୋଟି ହିତାଧିକାରୀ (ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳା)ଙ୍କୁ ସମ୍ପୂର୍ଣ୍ଣ ସେବା ଯୋଗାଇ ଦିଆଯାଇଛି ବୋଲି ଦାବି କରୁଥିଲେ ମଧ୍ୟ ସେଥିପାଇଁ ନିୟମ ଅନୁମୋଦିତ ଖର୍ଚ୍ଚ ୫୪୩୦.୬୬କୋଟି ଟଙ୍କା ତୁଳନାରେ ୪୭୬୭.୧୨ କୋଟି ଖର୍ଚ୍ଚ କରିଛନ୍ତି। ଯାହାକି ସିଧାସଳଖ ଏହି ଯୋଜନାରେ ଦିଆଯାଉଥିବା ଖାଦ୍ୟର ମାନ ଓ ପରିମାଣ ସହ ସାଲିସ୍ କରାଯାଇଥିବାକୁ ପ୍ରମାଣିତ କରିଛି। ନମୁନା ଯାଞ୍ଚକରାଯାଇଥିବା ୬ଟି ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ୧.୯୮ ଲକ୍ଷ ହିତାଧିକାରୀ କୌଣସି ପୋଷଣ ସହାୟତା ପାଇନଥିବା ଜଣାପଡ଼ିଛି। ସେହିପରି ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଖାଦ୍ୟ ଯୋଗାଣ କ୍ଷେତ୍ରରେ ପରିବହନ ଏଜେଣ୍ଟ ଓ ବିଭାଗୀୟ ଅଧିକାରୀଙ୍କ ଭିତିରି ବୁଝାମଣା ଯୋଗୁଁ ଚାଉଳ ଓ ଗହମ ଯୋଗାଣରେ ବଡ଼ ଧରଣର ଅନିୟମିତତା ହୋଇଥିବା ରିପୋଟରେ ଦର୍ଶାଯାଇଛି। ଆହୁରି ମଧ୍ୟ ସିଏଜି ରିପୋର୍ଟରେ ଦର୍ଶାଯାଇଛି ଯେ ୫୦ କେଜି ଓଜନର ଚାଉଳ ବସ୍ତାଗୁଡ଼ିକରେ ୧୬.୫ କେଜି ପର୍ଯ୍ୟନ୍ତ ଚାଉଳ କମ୍ ରହିଥିଲା। ଓଜନରେ ଏଭଳି ଅନିୟମିତତା ଯୋଗୁ ପ୍ରାୟ ୨୦.୮୫ କୋଟି ଟଙ୍କାର ଚାଉଳ ଲୁଟ୍ ହୋଇଥିବା କୁହାଯାଇଛି। ଅନ୍ୟପଟେ ଝାରସୁଗୁଡ଼ା ଜିଲ୍ଲାରେ ପିଲାଙ୍କୁ ଦିଆଯାଉଥିବା ଚାଉଳ ପଚା ଓ ପୋକରା ହୋଇଥିବା ବେଳେ ମୁଣ୍ଡାଡିପା କେନ୍ଦ୍ରର ଚାଉଳ ସମ୍ପୂର୍ଣ୍ଣ ଅଖାଦ୍ୟ ବୋଲି ଅଡିଟରେ ଦର୍ଶାଯାଇଛି। ସେତିକି ନୁହେଁ ଗାଇଡଲାଇନ୍ ଉଲ୍ଲଙ୍ଘନ କରି 'ସୂର୍ଯ୍ୟମୁଖୀ' କିମ୍ବା ରିଫାଇନ୍ ତେଲ ବଦଳରେ ପାମ୍ ଅଏଲ୍ ବ୍ୟବହାର କରାଯାଇ ପିଲାଙ୍କ ଜୀବନ ସହ ଖେଳିବାକୁ ମଧ୍ୟ ପଛାଇନାହାନ୍ତି। ଏପରିକି ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)ଗୁଡ଼ିକୁ ପ୍ରକ୍ରିୟାକରଣ ଖର୍ଚ୍ଚ ନାମରେ ପ୍ରାୟ ୫.୭୩ କୋଟି ଟଙ୍କା ଅତିରିକ୍ତ ପୈଠ କରାଯାଇଛି । ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ଅବସ୍ଥା ମଧ୍ୟ ଅତ୍ୟନ୍ତ ଶୋଚନୀୟ। ମାତ୍ର ୪୨ ପ୍ରତିଶତରେ ଶୌଚାଳୟ ଓ ୨୦ ପ୍ରତିଶତ ଅଙ୍ଗନୱାଡ଼ି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ରହିଛି। ସେହିପରି ରାଜ୍ୟ ସରକାର ଯୋଗାଇଥିବା ୬୫୮୩ଟି ସ୍ମାର୍ଟଫୋନ୍ ମାତ୍ର ୧୦ ରୁ ୩୦ ଦିନ ମଧ୍ୟରେ ଅଚଳ ହୋଇଯିବା ମଧ୍ୟ ଏକ ବିରାଟ ଯୋଜନାବଦ୍ଧ ଲୁଟକୁ ଇଙ୍ଗିତ କରୁଛି।

## ସରିଲା ଡେଡ୍ ...

ଥିଲା। ଏବେ ୮ଟି ଜିଲ୍ଲା ସମ୍ପୂର୍ଣ୍ଣ ମାଓ ମୁକ୍ତ। କେବଳ କନ୍ଧମାଳ ଜିଲ୍ଲାରେ ଆଉ ହାତ ଗଣତି ମାଓବାଦୀ ଜଙ୍ଗଲରେ ଲୁଚି ରହିଛନ୍ତି। ବୁଧବାରଠୁ ଜଙ୍ଗଲରେ ଅପରେସନକୁ ଜୋରଦାର କରାଯିବ। ସେମାନଙ୍କୁ ଆଉ ଆତ୍ମସମର୍ପଣ ପ୍ରକ୍ରିୟାରେ ସାମିଲ କରାଯିବ ନାହିଁ। ଏବେ ସିଧା ଏନକାଉଣ୍ଟର କରାଯିବ। ୨୦୨୫ରୁ ଏପର୍ଯ୍ୟନ୍ତ ୧୫୬ଜଣ ମାଓବାଦୀଙ୍କୁ ମୁକାବିଲା କରିଛୁ। ୨୭ ଜଣଙ୍କୁ ଏନକାଉଣ୍ଟର କରାଯାଇଛି। ୧୨୦ଜଣ ଓଡ଼ିଶା ଏବଂ ଓଡ଼ିଶା ବାହାରେ ଆତ୍ମସମର୍ପଣ କରିଛନ୍ତି, ୯ଜଣଙ୍କୁ ଆରେଷ୍ଟ କରାଯାଇଛି। ୨୨ବର୍ଷରେ ମାଓବାଦୀଙ୍କ ଗୁଳିରେ ୨୩୯ଜଣ ସହିଦ ହୋଇଛନ୍ତି, ୩୫୯ଜଣ ସାଧାରଣ ନାଗରିକ ମୃତ୍ୟୁ ବରଣ କରିଛନ୍ତି ।

## ରାସନ ଦୋକାନରେ...

ଯୋଜନା ଅନୁଯାୟୀ, ରାଶନ ଦୋକାନଗୁଡ଼ିକ ଗ୍ରାହକମାନଙ୍କୁ ସୁଲଭ ହାରରେ କିରୋସିନ ଯୋଗାଇବେ। ଏହା ସହିତ, ପ୍ରତ୍ୟେକ ଜିଲ୍ଲାରେ ସର୍ବାଧିକ ଦୁଇଟି ପେଟ୍ରୋଲ ପମ୍ପ ନିଯୁକ୍ତ କରାଯିବ, ଯାହାକୁ କିରୋସିନ ବିକ୍ରୟ କରିବାକୁ ଅନୁମତି ଦିଆଯିବ। ଏହି ପେଟ୍ରୋଲ ପମ୍ପଗୁଡ଼ିକୁ ସର୍ବାଧିକ ୫,୦୦୦ ଲିଟର କିରୋସିନ ମହଜୁଦ ରଖିବାକୁ ଅନୁମତି ଦିଆଯିବ।

## ଦୁଇ ମୃତକଙ୍କ...

ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ଏହି ସୂଚନା ଦିଆଯାଇଛି।

## ନାଳନ୍ଦାର ମେଳାରେ...

ନିବାସୀ କମଲେଶ ପ୍ରସାଦଙ୍କ ପତ୍ନୀ ୪୫ ବର୍ଷୀୟା ରେଖା ଦେବୀ। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଶୀତଳା ଦେବୀ ମନ୍ଦିରରେ ଦଳାଚକଟା ଘଟି ଶ୍ରଦ୍ଧାଳୁଙ୍କ ମୃତ୍ୟୁ ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି। ଦୁର୍ଘଟଣାରେ ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ସେ ପ୍ରାର୍ଥନା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ପ୍ରତ୍ୟେକଙ୍କୁ ୬ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଭିଡ଼ ଏବଂ ବିଶୃଙ୍ଖଳା ହଠାତ୍ ବୃଦ୍ଧି ପାଇବାରୁ ଦଳାଚକଟା ସୃଷ୍ଟି ହୋଇଥିଲା, ଲୋକମାନେ ପରସ୍ପର ଉପରେ ପଡ଼ି ଯାଇଥିଲେ ଏବଂ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ଚୈତ୍ର ମାସର ଶେଷ ଦିନ ହୋଇଥିବାରୁ ମଙ୍ଗଳବାର ଏହି ମେଳା ଅନୁଷ୍ଠିତ ହେଉଥିଲା ଏବଂ ଭକ୍ତମାନଙ୍କର ଏକ ବଡ଼ ଭିଡ଼ ଜମା ହୋଇଥିଲା। ଲୋକମାନେ ଯଥାଶୀଘ୍ର ଦର୍ଶନ କରିବା ପାଇଁ ପରସ୍ପରକୁ ପଛରେ ପକାଇବାକୁ ଚେଷ୍ଟା କରୁଥିଲେ। ମନ୍ଦିରର ଗର୍ଭଗୃହ ବହୁତ ଛୋଟ, କେବଳ ଗୋଟିଏ ପ୍ରବେଶ ଦ୍ୱାର ସହିତ। ପ୍ରବଳ ଭିଡ଼ ହଠାତ୍ ଦଳାଚକଟା ସୃଷ୍ଟି କରିଥିଲା, ଯାହା ଫଳରେ ଦୁର୍ଘଟଣା ଘଟିଥିଲା।

# ଓ.ପି. ଜିନ୍ଦଲଙ୍କ ପୁଣ୍ୟତିଥିରେ ଏକାଧିକ କଲ୍ୟାଣକାରୀ କାର୍ଯ୍ୟକ୍ରମ

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**



ଓ.ପି ଜିନ୍ଦଲ ଗ୍ରୁପର ଦୂରଦର୍ଶୀ ପ୍ରତିଷ୍ଠାତା ଓ.ପି ଜିନ୍ଦଲଙ୍କ ପୁଣ୍ୟତିଥି ଅନୁଗୁଳ ଜିନ୍ଦଲ ନଗରଠାରେ ଅନୁଷ୍ଠିତ ହୋଇଯାଇଛି । ଓ.ପି ଜିନ୍ଦଲଙ୍କ ପରୋପକାରୀ ଦୃଷ୍ଟିକୋଣ ଓ ମୂଲ୍ୟବୋଧରୁ ପ୍ରେରଣା ନେଇ ଜିନ୍ଦଲ ଷ୍ଟିଲର ସାମାଜିକ ଦାୟିତ୍ୱ ଶାଖା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରି ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ବ୍ଲଡ୍ ବ୍ୟାଙ୍କ ଏବଂ ଜିଲ୍ଲା ମୁଖ୍ୟ ଡାକ୍ତରଖାନା (ଡିଏଚଏଚ)ର ସହାୟତାରେ ଅନୁଷ୍ଠିତ ହୋଇଥିବା ଏହି ରକ୍ତଦାନ ଶିବିରରେ କର୍ମଚାରୀ, କର୍ମବୀର, ସେମାନଙ୍କ ପରିବାର ସଦସ୍ୟ ଏବଂ ସ୍ଥାନୀୟ ସଂପ୍ରଦାୟର ସମସ୍ୟମାନେ ବେଶ୍ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ସେମାନଙ୍କର ସାମୂହିକ ଉଦ୍ୟମ ଫଳରେ ୩୮୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା, ଯାହା ଜରୁରୀକାଳୀନ ଚିକିତ୍ସା କ୍ଷେତ୍ରରେ ଉପଯୋଗୀ ହୋଇପାରିବ । ଏହି ଅବସରରେ ଜିନ୍ଦଲ ଷ୍ଟିଲର ଅନୁଗୁଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ. ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆଇରନ୍ ଜୋନ୍) ଦାମୋଦର ମିତ୍ତଲ, ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ସମେତ କର୍ମଚାରୀ, କର୍ମବୀର ଏବଂ ସମ୍ପ୍ରଦାୟ ସଦସ୍ୟମାନେ ଦୂରଦର୍ଶୀ ପ୍ରତିଷ୍ଠାତା ଶ୍ରୀ ଓ.ପି. ଜିନ୍ଦଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ରକ୍ତଦାନ ଶିବିରକୁ ଉଦଘାଟନ କରି ପି.କେ ବିଜୁ ନାୟାର କହିଥିଲେ, ମୁଁ ସମସ୍ତ ରକ୍ତଦାତାଙ୍କ ପ୍ରତି କୃତଜ୍ଞ ଯେଉଁମାନେ ସ୍ୱେଚ୍ଛାକୃତ ଭାବରେ ଏହି ଉଦ୍ୟମରେ ସାମିଲ ହୋଇ ବାଉଜୀଙ୍କ ୨୧ତମ ପୁଣ୍ୟତିଥି ଅବସରରେ ମାନବସେବାରେ ନିଜ ନିଜ ଯୋଗଦାନ ଦେଇଛନ୍ତି । ମୁଁ ବିଶ୍ୱାସ କରେ ଯେ, ଯାହାଙ୍କୁ ଆମେ ଏତେ ଆଦର ଓ ସମ୍ମାନ କରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଏହା ସବୁଠୁ ସାର୍ଥକ ଉପାୟ । ଯଦିଓ ପ୍ରତ୍ୟକ୍ଷ ଭାବରେ ବାଉଜୀ ଆମ ପାଖରେ ନାହାଁନ୍ତି ତଥାପି ସମାଜ ପ୍ରତି ତାଙ୍କ ସମର୍ପଣ ଆମକୁ ସବୁବେଳେ ପ୍ରେରଣା ଓ ମାର୍ଗଦର୍ଶନ କରି ଆସୁଛି।

# ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ସାର୍ବଜନୀନ ସେବା ଅଧିକାର ଆଇନ ତାଲିମ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ନ୍ୟୁଜ ବ୍ୟୁରୋ**



ସେଞ୍ଚୁରିଅନ୍ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ, ପାରଳାଖେମୁଣ୍ଡିର ଏନ୍‌ଏସ୍‌ଏସ୍ ବ୍ୟୁରୋ, ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଓଡ଼ିଶା ସାର୍ବଜନୀନ ସେବା ଅଧିକାର ଆଇନ ଉପରେ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ନାଗରିକ-କୈନ୍ଦ୍ରିକ ସେବା ପ୍ରଦାନ ପ୍ରଣାଳୀ ଏବଂ ସାର୍ବଜନୀନ ସେବା ଅଧିକାରର ବ୍ୟବହାରିକ ପ୍ରୟୋଗ ବିଷୟରେ ଛାତ୍ରଛାତ୍ରୀ ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଥିଲା। ଏହି କାର୍ଯ୍ୟକ୍ରମ ଉଦଘାଟନୀ ଅଧିବେଶନ ସହିତ ଆରମ୍ଭ ହୋଇଥିଲା ଯେଉଁଥିରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡକ୍ଟର ଅନିତା ପାତ୍ରଙ୍କ ସ୍ୱାଗତ ଭାଷଣ ଏବଂ ବିଶିଷ୍ଟ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଉଦଘାଟନୀ ଭାଷଣ ଅନ୍ତର୍ଭୁକ୍ତ ଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଶ୍ରୀମତୀ ସରିତା କାନୁନଗୋ (ଡେପୁଟି ପ୍ରୋଜେକ୍ଟ କୋଅର୍ଡିନେଟର) ଏବଂ ଶ୍ରୀମତୀ ଶ୍ରେୟା ପାତ୍ର (ସିୱାଇଏସ୍‌ଡି), ଯେଉଁମାନେ ପ୍ରମୁଖ ସାଧନ ବ୍ୟକ୍ତି ଭାବରେ କାର୍ଯ୍ୟ କରିଥିଲେ, ପ୍ରମୁଖ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା।

ବୈଷୟିକ ଅଧିବେଶନ ଗୁଡ଼ିକରେ ସକ୍ରିୟ ନାଗରିକତା ଏବଂ ଅଂଶଗ୍ରହଣକାରୀ ଶାସନ ଏବଂ ଓଆର୍‌ଟିପିଏସ୍‌ଏ ଆଇନ, ନିୟମ ଏବଂ ଅଧିସୂଚିତ ସେବାର ଏକ ବ୍ୟାପକ ସମୀକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଅନ୍ତର୍ଭୁକ୍ତ କରାଯାଇଥିଲା। ସାଧନ ବ୍ୟକ୍ତିମାନେ ଆମ ସାଥୀ ହ୍ୱାଟ୍ସଆପ୍ ବଟ୍ ଏବଂ ନାଗରିକ ମନିଟରିଂ ସିଷ୍ଟମ୍ ଭଳି ଡିଜିଟାଲ୍ ଉପକରଣ ବିଷୟରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ, ଯାହା ଅଂଶଗ୍ରହଣକାରୀମାନଙ୍କୁ ସାଧାରଣ ସେବାଗୁଡ଼ିକୁ କିପରି ଦକ୍ଷତାର ସହିତ ପ୍ରବେଶ ଏବଂ ତଦାରଖ କରିବେ ତାହା ବୁଝିବାରେ ସକ୍ଷମ କରିଥିଲା। ଏକ ପାରସ୍ପରିକ ପ୍ରଶ୍ନୋତ୍ତର ଅଧିବେଶନ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିଥିଲା ଏବଂ ସନ୍ଦେହକୁ ସ୍ପଷ୍ଟ କରିଥିଲା, ତା'ପରେ ଗୋଷ୍ଠୀ କାର୍ଯ୍ୟ ହୋଇଥିଲା ଯେଉଁଠାରେ ଅଂଶଗ୍ରହଣକାରୀମାନେ ମିଳିତ ଭାବରେ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ଉପସ୍ଥାପନା ମଧ୍ୟ ପ୍ରଦର୍ଶିତ ହୋଇଥିଲା, ଯାହା ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ଧାରଣା ଏବଂ ଶିକ୍ଷଣ ଫଳାଫଳ ବାଣ୍ଟିବାକୁ ଅନୁମତି ଦେଇଥିଲା।

ବିଦାୟ ଅଧିବେଶନରେ ଦିନର କାର୍ଯ୍ୟସୂଚୀର ସାରାଂଶ, ଅତିଥିମାନଙ୍କୁ ସମ୍ବର୍ଦ୍ଧନା, ମତାମତ ସଂଗ୍ରହ ଏବଂ ପ୍ରମାଣପତ୍ର ବଣ୍ଟନ ଅନ୍ତର୍ଭୁକ୍ତ ଥିଲା। କାର୍ଯ୍ୟକ୍ରମଟି ଏକ ଆନୁଷ୍ଠାନିକ ଧନ୍ୟବାଦ ପ୍ରସ୍ତାବ ସହିତ ଶେଷ ହୋଇଥିଲା।

ଆୟୋଜକମାନେ ଡକ୍ଟର ଏସ୍. ପି. ନନ୍ଦ (ଡିନ୍, ପ୍ରଶାସନ), ଡକ୍ଟର ଦୁର୍ଗା ପ୍ରସାଦ ପାଢ଼ୀ (ନିର୍ଦ୍ଦେଶକ, ପ୍ରଶାସନ), ଡକ୍ଟର ରିତେଶ କୁମାର (ଡିନ୍, ଛାତ୍ର ବ୍ୟାପାର), ଏବଂ ଡକ୍ଟର ନିହାଲ୍ ଆର. (ଏନ୍‌ଏସ୍‌ଏସ୍ ସମନ୍ୱୟ କାର୍ଯ୍ୟକ୍ରମ ଅଧିକାରୀ) ସମେତ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସେମାନଙ୍କର ସମର୍ଥନ ଏବଂ ମାର୍ଗଦର୍ଶନ ପାଇଁ ଆନ୍ତରିକ କୃତଜ୍ଞତା ପ୍ରକାଶ କରିଥିଲେ। ସମସ୍ତ ବିଦ୍ୟାଳୟର ଡିନ୍, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର, ଅଧ୍ୟାପକ, ଅଂଶଗ୍ରହଣକାରୀ, ଛାତ୍ର ସ୍ୱେଚ୍ଛାସେବକ, ଏମ୍‌ଆର୍‌ସି ଦଳ ଏବଂ ଅଡିଟୋରିୟମ୍ ପରିଚାଳନା ଦଳଙ୍କୁ ମଧ୍ୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ସେମାନଙ୍କର ସାମୂହିକ ପ୍ରୟାସ ପାଇଁ ପ୍ରଶଂସା କରାଯାଇଥିଲା। ତାଲିମ କାର୍ଯ୍ୟକ୍ରମ ଅତ୍ୟନ୍ତ ସୂଚନାପ୍ରଦ ଏବଂ ପ୍ରଭାବଶାଳୀ ପ୍ରମାଣିତ ହୋଇଥିଲା, ଅଂଶଗ୍ରହଣକାରୀମାନଙ୍କୁ ବ୍ୟବହାରିକ ଜ୍ଞାନ ସହିତ ସଜ୍ଜିତ କରିଥିଲା ଏବଂ ସ୍ୱଚ୍ଛ, ଦକ୍ଷ ଏବଂ ଦାୟିତ୍ୱପୂର୍ଣ୍ଣ ସାର୍ବଜନୀନ ସେବା ପ୍ରଦାନ ବ୍ୟବସ୍ଥାର ଗୁରୁତ୍ୱକୁ ଦୃଢ଼ କରିଥିଲା।

# ଆଦିତ୍ୟ ଆଲୁମିନିୟମ୍ ଓ ବିରାଟ କୋଚିଙ୍ଗ ମଧ୍ୟରେ ପ୍ରତିଯୋଗିତା ମୂଳକ ପରୀକ୍ଷାର ଅନ୍ୟ ଏକ ଶାଖା ଭି.ଏସ.ଏସ ଆଇଟିଆଇ ରେଙ୍ଗାଲିରେ ଶିକ୍ଷା ପ୍ରଦାନ ଆରମ୍ଭ




**ସମ୍ବଲପୁର ନ୍ୟୁଜ ବ୍ୟୁରୋ**

ସାମାଜିକ ବିକାଶ ପ୍ରତି ନିରନ୍ତର ପ୍ରୟାସର ଅଂଶ ଭାବେ, ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗା ଓ ବିରାଟ କୋଚିଙ୍ଗର ଅନ୍ୟ ଏକ ଶାଖା ଭି.ଏସ.ଏସ ଆଇଟିଆଇ, ରେଙ୍ଗାଲି ଠାରେ ପ୍ରତିଯୋଗିତା ମୂଳକ ପରୀକ୍ଷାର ଶିକ୍ଷା ପ୍ରଦାନ ପାଇଁ ଖୋଲାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆଦିତ୍ୟ ଆଲୁମିନିୟମ କାରଖାନାର ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ ଓ ବିରାଟ କୋଚିଙ୍ଗର ପ୍ରତିନିଧି ରାହୁଲ ରାଜ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମଟି ଗୋଷ୍ଠୀ ଉନ୍ନୟନ କାର୍ଯକ୍ରମର ଜ୍ଞାନ ଅର୍ଜନ ପ୍ରକଳ୍ପ ନାମରେ ନାମିତ କରାଯାଇଛି। ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ କାରଖାନାର ପାରିପାର୍ଶ୍ୱିକ ଅଞ୍ଚଳର ବିଦ୍ୟାର୍ଥୀ ମାନେ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ହେବେ, ସରକାରଙ୍କର ବିଭିନ୍ନ ପଦପଦବୀରେ ଚାକିରି କରିବା ସହିତ ପରିବାର ଆର୍ଥିକ ସ୍ଥିତିରେ ସୁଧାର ଆଣିବେ । ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ର ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗଡତିଆ, ବ୍ଲକର ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ରେଙ୍ଗୋଲୋ ଇପଞ୍ଚାୟତର ସମିତି ସଭ୍ୟ ଅଶ୍ୱନି ପଟେଲ, ଜଙ୍ଗଲା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁରାରି ବିଶ୍ୱାଳ, ବରିଷ୍ଠ ନାଗରିକ, ଶଶିଭୂଷଣ ସାହୁ, ସମ୍ବଲପୁର ଜିଲ୍ଲାର ବରିଷ୍ଠ ନାଗରିକ ମଞ୍ଚର ସଭାପତି ଅନ୍ତର୍ଯ୍ୟାମୀ ପାଣି, ସ୍ୱାଧିନ ଏକତା ସଂଗଠନର ସଭାପତି ରାଜୀବ ଲୋଚନ ମିଶ୍ର ଓ ଆଦିତ୍ୟ ଆଲୁମିନିୟମ୍, ଶିବ ମହାପାତ୍ର କ୍ଲଷ୍ଟର ମୁଖ୍ୟ ସି.ଏସ.ଆର, ଭି.ଏସ.ଏସ ଆଇଟିଆଇର ଅଧକ୍ଷ କମଳ ଲୋଚନ ଭୋଇ, ବୈଜ୍ଞାନିକ ଆଶିଷ ମହାନା, ଆର୍ଟ ଅଫ ଲିଭିଂ ର ରଞ୍ଜନ ସାହୁ ଉପସ୍ଥିତ ରହିଥିଲେ। ଏଥି ସହିତ ସ୍ଥାନୀୟ ଅଧିବାସୀ, ବିଦ୍ୟାର୍ଥୀ, ଅଭିଭାବକ ଉପସ୍ଥିତ ଥିଲେ।

# ନବୀକରଣୀୟ ଶକ୍ତି ରୋଡମ୍ୟାପ୍ ସହିତ ନିରନ୍ତର ଭବିଷ୍ୟତ ଆଡକୁ ଗତିକରୁଛି ଓଡ଼ିଶା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ଥାୟୀ ଶକ୍ତି ସମାଧାନ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ସ୍ଥାୟୀ ଶକ୍ତି ସମାଧାନ ପାଇଁ ଭାରତର ଅନ୍ୱେଷଣକୁ ସମର୍ଥନ ଦେଇ ଓଡ଼ିଶା ସବୁଜ ହାଇଡ୍ରୋଜେନ୍ ନୀତି ଘୋଷଣା କରିଥିବା ପ୍ରଥମ ରାଜ୍ୟ ହୋଇପାରିଛି। ଭାରତୀୟ ଶିଳ୍ପ ମହାସଂଘ ସହିତ ସମନ୍ୱୟ ରଖି ଶିଳ୍ପ କ୍ଷେତ୍ରରେ ଡିକାର୍ବନାଇଜେସନ୍ ଭଳି ଐତିହାସିକ ପଦକ୍ଷେପ ରାଜ୍ୟର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି । ଏହି କ୍ରମରେ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ, କୃଷି ଏବଂ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଭାରତୀୟ ଶିଳ୍ପ ମହାସଂଘର ସଦସ୍ୟ ଏବଂ ନବୀକରଣୀୟ ଶକ୍ତିର ଅନ୍ୟାନ୍ୟ ସଂସ୍ଥାମାନଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଏହି ନୀତି ନବୀକରଣୀୟ ଶକ୍ତିରେ ଗୁରୁତ୍ୱପୂର୍ଣ୍ଣ ନିବେଶକୁ ପ୍ରୋତ୍ସାହନ ଦେବ । ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ ଉପରେ ଗୁରୁତ୍ୱ ଦେବା ସହ ଏହି ନୀତି ଓଡ଼ିଶାକୁ ସ୍ୱଚ୍ଛ ଶକ୍ତି ନବସୃଜନର କେନ୍ଦ୍ରର ମାନ୍ୟତା ଦେବ । ଓଡ଼ିଶା ବିପର୍ଯ୍ୟୟ-ପ୍ରତିରୋଧୀ ଭିତ୍ତିଭୂମି, ବଣ୍ଟନ କ୍ଷେତ୍ର ସଂସ୍କାର ସହିତ ବ୍ୟାଟେରୀ ଶକ୍ତି ସଂରକ୍ଷଣ ପ୍ରଣାଳୀ ସହିତ ସମନ୍ୱିତ ଭାସମାନ ସୌର ଏବଂ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ଭଳି ପ୍ରକଳ୍ପରେ ନିବେଶ ଉପରେ ଅଧିକ ଗୁରୁତ୍ୱ ଦେଉଛି। ଭାରତୀୟ ଶିଳ୍ପ ମହାସଂଘ, ନବୀକରଣୀୟ ଶକ୍ତି କ୍ଷେତ୍ରରେ ଓଡ଼ିଶାର ପ୍ରୟାସକୁ ପ୍ରଶଂସା କରିଛି।

13001/838/2526

CUTTACK MUNICIPAL CORPORATION

"e" PROCUREMENT NOTICE

Bid Reference No. MC(CMC)CTC_EL_No.9/2025-26
Tender ID : 2026_ORULB_127547
Tender Call Notice No. 3566 (PW) Date. 26.03.2026

Name of Works : Electrical Works
No of Works : 01
Bid Value : Rs. 7.31
Period of Completion : One Calendar Month
Date and Time schedule :

| Start | End | Opening |
| --- | --- | --- |
| 13.00 PM on dt. 30.03.2026 | 5.00 PM on dt.08.04.2026 | 11.00 A.M. on dt. 10.04.2026 |

Tender Details : can be seen from the procurement portal : www.tendersorissa.gov.in

Sd/- Executive Engineer, City Div-III
OIPR-13001/13031/1/25-26/0044

ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

ବିଜ୍ଞାପନ

ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତସିଂହପୁର ଜିଲ୍ଲା ମହୋତ୍ସବ, "କଲ୍ଲୋଳ-୨୦୨୬ ଏପ୍ରିଲ ମାସ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ ଠାରେ ମହାସମାରୋହରେ ପାଳନ କରାଯାଉଅଛି । ପ୍ରତିଦିନ ସଂଧ୍ୟାରେ ସାଧାରଣ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟମେଳା ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।
ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି ।

ଶ୍ରୀଯୁକ୍ତ ଜେ. ସୋନାଲ, ଭା.ପ୍ର.ସେ
ଜିଲ୍ଲାପାଳ-ତଥା-ଅଧକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

ଉତ୍କଳ ଦୀପିକା

ଭୁବନେଶ୍ୱର, ୦୧ ଅପ୍ରେଲ, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

















ଭୁବନେଶ୍ୱର : ଓଡ଼ିଶା ଦିବସ ପାଳନ ଅବସରରେ ରାଜଧାନୀ ସ୍ଥିତ ବିଭିନ୍ନ ସରକାରୀ ମୁଖ୍ୟ କାର୍ଯ୍ୟାଳୟ ସୌଧଗୁଡିକ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଇଛି। (ଫଟୋ : ସମ୍ବାଦ କଳିକା)

# ଶ୍ରୀମନ୍ଦିରରେ ଦୟଣା ଚୋରି ନୀତି ସମ୍ପନ୍ନ

## ଚୋରି କରି ବନ୍ଧା ହେଲେ ଠାକୁରେ

**ପୁରୀ, ୩୧/୦୩ ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ଶ୍ରୀମନ୍ଦିରରେ ଠାକୁରଙ୍କ ଦୟଣା ଚୋରି ନୀତି ପାଳନ ହୋଇଛି । ଜଗନ୍ନାଥ ବଲ୍ଲଭକୁ ଠାକୁରଙ୍କ ସହ କନ୍ଦର୍ପପଟି ବିଜେ ହୋଇଥିଲେ। ପରେ ଦୟଣା ଚୋରି କରି ବନ୍ଧା ହୋଇଛନ୍ତି ଠାକୁରେ । ମଙ୍ଗଳବାର ଜଗନ୍ନାଥ ବଲ୍ଲଭ ମଠ ପରିସରରେ ମହାପ୍ରଭୁଙ୍କ ଦୟଣା ଚୋରି ନୀତି ସମ୍ପନ୍ନ ହୋଇଛି । ମଧ୍ୟାହ୍ନ ଧୂପ ସରିବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଶ୍ରୀରାମକୃଷ୍ଣ ପାଲିଙ୍କିରେ ବିଜେ ହୋଇ ମଠରେ ପହଞ୍ଚିଥିଲେ । ଅଧିବାସ ହୋଇଥିବା କନ୍ଦର୍ପପଟିଙ୍କୁ ପାଲିଙ୍କି ସମ୍ମୁଖରେ ସ୍ଥାପନା କରାଯାଇଥିଲା। ଶ୍ରୀରାମକୃଷ୍ଣ ଓ କନ୍ଦର୍ପପଟି ମଠ ପରିସରରେ ବିଜେ ହୋଇଥିଲେ। କନ୍ଦର୍ପପଟିଙ୍କୁ ସମ୍ମୁଖରେ ବିଜେ କରାଯାଇ ବିଧି ଅନୁସାରେ ହୋମ ଯଜ୍ଞ ହୋଇଥିଲା। ପ୍ରସାଦ ଲାଗି, ବନ୍ଦାପନା ଓ ଚାମର ଆଲଟ ବଢ଼ିବା ପରେ ଠାକୁରଙ୍କୁ ଖିରି ପିଠା ଭୋଗ ଲାଗିଥିଲା । ପରେ ବିଧି ମତେ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କୁ ଦୟଣା ଲାଗି କରାଯାଇଥିଲା। କୁହାଯାଏ ଇନ୍ଦ୍ରଦେବଙ୍କ ଉଦ୍ୟାନ ମାଳି କନ୍ଦର୍ପଙ୍କୁ ବାନ୍ଧି ଦୟଣା ଗଛ ଚୋରି କରିଥିଲେ ଶ୍ରୀରାମକୃଷ୍ଣ। ପରେ ସୁବାସିତ ଦୟଣା ଗଛ ଚୋରି କରିବା ଅଭିଯୋଗରେ ଠାକୁରେ ବନ୍ଧା ହୋଇଥିଲେ । ଶ୍ରୀମନ୍ଦିର ଭୋଗମଣ୍ଡପ ଘରେ ବନ୍ଧନ ଅବସ୍ଥାରେ ଠାକୁରଙ୍କୁ ରାତି ବିତାଇବାକୁ ହୋଇଛି । ଏସବୁ ବିଧି କାହିଁ କେଉଁ କାଳରୁ ବଡ଼ଦେଉଳରେ ପ୍ରଚଳିତ ହୋଇ ଆସୁଛି। ପୌରାଣିକ ମତ ଅନୁଯାୟୀ ,ଦମନକ ନାମକ ଅସୁରକୁ ମାରି ମହାପ୍ରଭୁ ଦୟଣା ଗଛକୁ ଗ୍ରହଣ କରିଥିଲେ ।

## ଭିଜିଲାନ୍ସ ଜାଲରେ ଓପିଏଚ୍‌ଡବ୍ଲୁସି ଡେପୁଟି ମ୍ୟାନେଜର

**ଭୁବନେଶ୍ୱର, ୩୧/୦୩ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ପୁଲିସ ବିଭାଗର ଆଉ ଜଣେ ବଡ଼ ଅଧିକାରୀ ଧରାପଡିଛନ୍ତି। ଲାଞ୍ଚ ଟଙ୍କା ସଂଗ୍ରହ କରି ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ଉ କରି ଓପିଏଚ୍‌ଡବ୍ଲୁସିର ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଇଙ୍କ ନିକଟରୁ ନଗଦ ୫ଲକ୍ଷ ଟଙ୍କା ଜବତ କରିଛି। ଏହାପରେ ତାଙ୍କର ଘର ଓ ସମ୍ପର୍କୀୟଙ୍କ ଘରେ ଚଢ଼ଉ କରାଯାଇ ପ୍ରାୟ ୪୦ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି। ସୂଚନାନୁସାରେ, ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ବଳରେ ଭିଜିଲାନ୍ସ ଟିମ୍ ସମ୍ବଲପୁର ରେଳ ଷ୍ଟେସନ୍‌ରେ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଶ୍ରୀଭୋଇଙ୍କ ନିକଟରୁ ୫ଲକ୍ଷ ଟଙ୍କା ନଗଦ ମିଳିଥିଲା। ଏହି ଟଙ୍କା ସେ ଲାଞ୍ଚ ନେଇଥିବା ସନ୍ଦେହ କରାଯାଉଛି। ଏହାପରେ ତାଙ୍କର ସମ୍ବଲପୁର, ଭୁବନେଶ୍ୱର ଓ ଭଞ୍ଜନଗରରେ ଥିବା ବାସଭବନରେ ଚଢ଼ଉ କରାଯାଇଛି। ଭୁବନେଶ୍ୱରର ରସୁଲଗଡ଼ ଠାରେ ଥିବା ପୁଲିସ କଲୋନିର କ୍ୱାର୍ଟର ନଂ ଭି/୧୬ ବାସଭବନରୁ ୫ଲକ୍ଷ ଟଙ୍କା ନଗଦ ମିଳିଥିବା ବେଳେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ବିଡିଏ ହାଉସିଂ ବୋର୍ଡର ଏମ୍‌ଆଇଜି କଲୋନୀରେ ଥିବା ତାଙ୍କ ଭଉଣୀଙ୍କ ଘରୁ ୭୦ଟି ୫୦୦ଟଙ୍କିଆ ନୋଟ୍ ବିଡ଼ା ଜବତ ହୋଇଛି।



### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୩୧/୦୩/୨୦୨୬
୪,୧୨,୮୮୪/- ଟଙ୍କା
ସୁନା:-୦୦ଗ୍ରାମ୍୧୩୦ ମିଲିଗ୍ରାମ
ରୂପା:-୧୨ଗ୍ରାମ୍୫୦୦ ମିଲିଗ୍ରାମ

## ହାଇକୋର୍ଟ ନିକଟରେ ଅଗ୍ନିକାଣ୍ଡ ଘଟଣା : ମହିଳା ଅଟକ



**କଟକ, ୩୧/୦୩ ନ୍ୟୁଜ ବ୍ୟୁରୋ**

ହାଇକୋର୍ଟ ନିକଟରେ ନିଆଁ ଲାଗିବା ଘଟଣାରେ ଜଣେ ମହିଳାଙ୍କୁ ଅଟକ ରଖାଯାଇଛି। ମହିଳା ଜଣଙ୍କ ହେଲେ ମିନତୀ ସାହୁ । ସେ ଗାଡ଼ିରେ ନିଆଁ ଲଗାଉଥିବାର ଭିଡିଓ ସାମ୍ନାକୁ ଆସିବା ପରେ ଲାଲବାଗ ପୁଲିସ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି । ପ୍ରାଥମିକ ତଦନ୍ତରୁ ମହିଳା ଜଣେ ମାନସିକ ରୋଗୀ ବୋଲି ଜଣାପଡ଼ିଛି । ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରୁ ୧୨ ଭିତରେ ଏହି ଅଗ୍ନିକାଣ୍ଡ ଘଟଣା ଘଟିଛି । ଚାନ୍ଦିନ ଚୌକ ହାଇକୋର୍ଟ ପାଚେରୀ ନିକଟରେ ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ଗୋଟିଏ ପରେ ଗୋଟିଏ ପ୍ରାୟ ଚାରୋଟି ଗାଡ଼ିରେ ନିଆଁ ଲାଗିଥିଲା। ପ୍ରଥମେ ଦୁଇଟି ସ୍କୁଟର ପରେ ଏକ ସ୍କର୍ପିଓ ଏବଂ ଗୋଟିଏ ଇଭି ଗାଡ଼ି ଜଳି ପାଉଁଶ ହୋଇଯାଇଛି। ଏହି ଘଟଣାରେ ଜଣେ ମହିଳା ସାମ୍ନାକୁ ଆସିଛନ୍ତି । ମହିଳା ଜଣକ ହେଲେ ଜଗତସିଂହପୁର ଅଞ୍ଚଳର ମିନତୀ ସାହୁ ବୋଲି ଜଣାପଡ଼ିଛି। ସେ ବାଇକ୍‌ରେ ନିଆଁ ଲଗାଉଥିବାର ଭିଡିଓ କ୍ୟାମେରାରେ କଏଦ ହୋଇଛି । ଏନେଇ ସମ୍ପୃକ୍ତ ମହିଳା ପୁଲିସ ଆଗରେ ମଧ୍ୟ ସ୍ୱୀକାର କରିଛନ୍ତି । ସେ ଏକ ବୋତଲରେ ପେଟ୍ରୋଲ ରଖି ନିଆଁ ଲଗାଇଥିଲେ । ସେହି ବୋତଲକୁ ହାଇକୋର୍ଟ ପରିସରକୁ ଫିଙ୍ଗି ଥିଲେ । ମାତ୍ର ନିଆଁ ଜଳୁଥିବା ବୋତଲ କୋର୍ଟ ପାଚେରୀରେ ବାଜି ନିକଟରେ ପାର୍କିଂ ଥିଲା ବାଇକ୍ ଏବଂ ସ୍କୁଟରରେ ପଡ଼ିଥିଲା । ଧୀରେ ଧୀରେ ନିଆଁ ଗୋଟିଏ ପରେ ଗୋଟିଏ ଗାଡ଼ିକୁ ଲାଗିଥିଲା । ଗୋଟିଏ ସ୍କର୍ପିଓ, ଦୁଇଟି ସ୍କୁଟର ଏବଂ ଗୋଟିଏ ବ୍ୟାଟେରୀ ଚାଳିତ ଗାଡ଼ି ଜଳିପୋଡ଼ି ପାଉଁଶ ହୋଇଛି । ତେବେ ପ୍ରାଥମିକ ତଦନ୍ତରୁ ମହିଳା ଜଣକ ମାନସିକ ରୋଗୀ ବୋଲି ଜଣାପଡ଼ିଛି । ସେ କାହିଁକି ନିଆଁ ଲଗାଇଲେ ତା'ର କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଏହି ଘଟଣାରେ ଲାଲବାଗ ଥାନା ପୁଲିସ ଅଧିକ ତଦନ୍ତ କରୁଛି ।

## ବେଆଇନ ବାଲି ଚାଲାଣ ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ମୋଟରଯାନ ଆଇନରେ କାର୍ଯ୍ୟାନୁଷ୍ଠାନ ମନା



**କଟକ, ୩୧/୦୩ ନ୍ୟୁଜ ବ୍ୟୁରୋ**

ଗାଡ଼ିର ଫିଟ୍‌ନେସ୍ ସାର୍ଟିଫିକେଟ୍ ଠିକ୍ ରହିଛି । ଗାଡ଼ି ଚାଲିବାବେଳେ କୌଣସି ପ୍ରକାର ବେଆଇନ କାର୍ଯ୍ୟ ବା କାହାରି ଜୀବନ ପ୍ରତି ବିପଦ ସୃଷ୍ଟି କରିନାହିଁ । ତେଣୁ କେବଳ ବେଆଇନ ବାଲି ଚାଲାଣ ଅଭିଯୋଗରେ ଏହିଭଳି ଗାଡ଼ିଗୁଡ଼ିକର ମୋଟର ଯାନ ଆଇନରେ ପଞ୍ଜୀକରଣ ପ୍ରମାଣପତ୍ର (ରେଜିଷ୍ଟ୍ରେସନ ସାର୍ଟିଫିକେଟ) ନିଲମ୍ବନ କରାଯାଇ ପାରିବନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ଜଗତସିଂହପୁର ଆରଟିଓଙ୍କ ଦ୍ୱାରା ବେଆଇନ ବାଲି ପରିବହନ ମାମଲାରେ ୪୬ଟି ହାଇୱାର ପଞ୍ଜୀକରଣ ପ୍ରମାଣପତ୍ର ନିଲମ୍ବନ ସଂକ୍ରାନ୍ତ ଆଦେଶକୁ ରଦ୍ଦ କରି ଦେଇଛନ୍ତି । ଅଶୋକ କୁମାର ସ୍ୱାଇଁ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବି.ପି. ରାଉତରାୟ ଏହି ଆଦେଶ ଦେଇଛନ୍ତି । ଜଗତସିଂହପୁର ଜିଲ୍ଲା କିଲିପାଳ ବାଲି ସଇରାତରୁ ବେଆଇନ ବାଲି ପରିବହନ କରାଯାଉଥିବା ଅଭିଯୋଗରେ ପୁଲିସ, ଖଣି ଏବଂ ପରିବହନ ବିଭାଗର ଏକ ମିଳିତ ଟିମ୍ ୪୬ଟି ହାଇୱା ଜବତ କରିଥିଲେ। ଏହି ଆଧାରରେ ଜଗତସିଂହପୁର ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ମୋଟରଯାନ ଆଇନ ଆଧାରରେ ଗାଡ଼ିଗୁଡ଼ିକର ପଞ୍ଜୀକରଣ ପ୍ରମାଣପତ୍ରକୁ ନିଲମ୍ବନ କରିଥିଲେ। ଏହାକୁ ବିରୋଧ କରି ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ବିଭିନ୍ନ ପକ୍ଷଙ୍କୁ ଶୁଣିବା ପରେ ଆଦେଶରେ କହିଛନ୍ତି ଯେ, ଗାଡ଼ିଗୁଡ଼ିକ ଜବତ ହେବା ସମୟରେ ସେଗୁଡ଼ିକ ପାଖରେ ବୈଧ ପରମିଟ୍ ଥିଲା।

ମୋଟର ଯାନ ଆଇନର ଧାରା ୫୩ ଅନୁଯାୟୀ, ଗାଡ଼ିଟି ଜନସାଧାରଣଙ୍କ ପାଇଁ ବିପଦ ସୃଷ୍ଟି କରୁଥିଲେ କିମ୍ବା ବୈଧ ପରମିଟ୍ ନଥାଇ ଭଡ଼ାରେ ଚାଲୁଥିଲେ ହିଁ ପଞ୍ଜୀକରଣ ନିଲମ୍ବନ କରାଯାଇପାରିବ । ବେଆଇନ ବାଲି ପରିବହନ ଅଭିଯୋଗରେ ଓଡ଼ିଶା ଲଘୁଖଣିଜ ଆଇନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ହାଇକୋର୍ଟ କହିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ମାମଲା ପରିଚାଳନା କରୁଥିଲେ।

## ଦୁଃଖ ଦେଲା ମଙ୍ଗଳବାର : ଦୁର୍ଘଟଣା ଏବଂ ଅଘଟଣରେ ଚାଲିଗଲା ୭ ଜୀବନ

**ଭୁବନେଶ୍ୱର ୩୧।୦୩ ନ୍ୟୁଜ ବ୍ୟୁରୋ**

ଅଶୁଭ ମଙ୍ଗଳବାର । ଭିନ୍ନ ଭିନ୍ନ ଦୁର୍ଘଟଣା ଏବଂ ଅଘଟଣରେ ଚାଲିଗଲା ୭ ଜୀବନ । ଏହାସହିତ କିଛି ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି ମଧ୍ୟ କରାଯାଇଛି । ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଭୁସୁଣ୍ଡା ଛକ ନିକଟରେ ଘଟିଛି ଭୟଙ୍କର ଦୁର୍ଘଟଣା। ପଥର ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ବାଇକ୍‌କୁ ଧକ୍କା ଦେଇଥିଲା, ଯାହାଫଳରେ ଏହି ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ଦ୍ରୁତଗତିରେ ଆସୁଥିବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ତେବେ ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଟ୍ରାକ୍ଟର ଡ୍ରାଇଭର ଚମ୍ପଟ ମାରିଥିବା ବେଳେ ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବର୍ତ୍ତମାନ ସୁଦ୍ଧା ମୃତକଙ୍କ ପରିଚୟ ମିଳିନାହିଁ । ସେହିପରି ନବନିର୍ମିତ ପାଇଖାନା ସେପ୍ଟିକ୍ ଟାଙ୍କିରେ ପଶିବା ହେଲା କାଳ । ଶ୍ୱାସରୁଦ୍ଧ ହୋଇ ୨ ମୃତ ଓ ୨ ଗୁରୁତର ହୋଇଛନ୍ତି। ଏମିତି ଘଟଣା ଘଟିଛି ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଉପଖଣ୍ଡ ମହୁଲପାଲି ଥାନା ଅନ୍ତର୍ଗତ କେସେଇବାହାଲ ଗାଁରେ। ମଙ୍ଗଳବାର ଦିନ ପ୍ରାୟ ୧୦ଟା ସମୟରେ କେସେଇବାହାଲ ଗାଁର ଲୋକନାଥ ବେହେରାଙ୍କ ଘରର ନବନିର୍ମିତ ପାଇଖାନା ସେଫ୍‌ଟି ଟାଙ୍କିରେ ଏହି ଅଘଟଣ ଘଟିଛି । ଏହି ଘଟଣାରେ ସୁଶୀଲ ନାଏକ (୩୦) ନାମକ ଜଣେ ଶ୍ରମିକ ଓ ଭିକାରୀ ଚରଣ ବେହେରା (୫୫) ଘର ମାଲିକଙ୍କ ଜଣେ ସମ୍ପର୍କୀୟଙ୍କ ମଧ୍ୟ ମୃତ୍ୟୁ ଘଟିଛି । ମହୁଲପାଲି ଥାନା ଅଧିକାରୀ ଇନ୍ଦ୍ରଦେବ ଓରାମଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଲୋକନାଥ ବେହେରା ନିଜ ଘର ପାଖରେ ୧୮ ଦିନ ପୂର୍ବରୁ ଏହି ପାଇଖାନାର ସେଫ୍‌ଟି ଟାଙ୍କି ତିଆରି କରିଥିଲେ । ଏହି ଟାଙ୍କିର ସେଣ୍ଟ୍ରିଙ୍ଗ ଖୋଲିବାକୁ ମିସ୍ତ୍ରୀ ଓ କେତେକ ଶ୍ରମିକ ଆସିଥିଲେ । ପ୍ରଥମେ ଜଣେ ମିସ୍ତ୍ରୀ ସେପ୍ଟିକ ଟାଙ୍କି ଭିତରକୁ ପଶିବା ପରେ ନିଜେ ଅଣ ନିଶ୍ୱାସୀ ହୋଇ ବାହାରକୁ ବାହାରି ଆସିଥିଲେ। ପରେ ନିଜେ ଘର ମାଲିକ ଲୋକନାଥ ବେହେରା ମଧ୍ୟ ଭିତରକୁ ପଶି ସ୍ଥିତି ପରଖିବାକୁ ଚେଷ୍ଟା କରୁଥିବା ବେଳେ ସେ ମଧ୍ୟ ଅଣ ନିଶ୍ୱାସୀ ହେବାରୁ ତୁରନ୍ତ ବାହାରକୁ ଆସିଗଲେ। ତେବେ ପରେ ଜଣେ ଶ୍ରମିକ ଭିତରକୁ ପଶି ଯାଇଥିଲେ ଓ ଟାଙ୍କି ଭିତରେ ବେହୋସ ହୋଇ ପଡିଗଲେ, ତାଙ୍କୁ ଉଦ୍ଧାର କରିବାକୁ ଯାଇ ଲୋକନାଥ ବେହେରାଙ୍କ ୨ ଜଣ ସମ୍ପର୍କୀୟ ଆଉ ଜଣେ ଶ୍ରମିକ ଟାଙ୍କି ଭିତରକୁ ପଶିବାରୁ ସେମାନେ ମଧ୍ୟ ଟାଙ୍କି ଭିତରେ ଅଚେତ ହୋଇ ପଡିଗଲେ । ଏହାକୁ ଦେଖି ସ୍ଥାନୀୟ ଲୋକେ ଏକ ଜେସିବି ଆଣି ଟାଙ୍କିର ଉପର ଛାତକୁ ଭାଙ୍ଗି ୪ ଜଣ ଲୋକଙ୍କୁ ଗୁରୁତର ଅବସ୍ଥାରେ ବାହାର କରି କୁଚିଣ୍ଡା ଉପଖଣ୍ଡ ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ହସ୍ପିଟାଲରେ ୨ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ୨ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ବୋଲି ମହୁଲପାଲି ଥାନା ଅଧିକାରୀ ଇନ୍ଦ୍ରଦେବ ଓରାମ ସୂଚନା ଦେଇଛନ୍ତି। ତେବେ ଏହି ଘଟଣା ନେଇ ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ପଚରା ଉଚରା ଜାରି ରଖିଛି । ଏନେଇ ମହୁଲପାଲି ଥାନାରେ କେସ ନମ୍ବର ୬ ଓ ୭ରେ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପଟେ ବିଳମ୍ବିତ ରାତିରେ କଟକ ତାଳଦଣ୍ଡା କେନାଲ ନିକଟରେ ଘଟିଥିବା ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୩ ଛୁଇଁଛି । ଟାଟା ଏସି ଏବଂ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କାରେ ୨ ଜଣଙ୍କର ମୃତ୍ୟୁ ହୋଇଥିଲା । ବାକି ଅନ୍ୟ ଗୁରୁତରଙ୍କ ଚିକିତ୍ସା ଚାଲିଥିଲା । ହେଲେ ଆଉ ଜଣେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଛନ୍ତି। ମୃତକଙ୍କ ନାମ ରାଜଲକ୍ଷ୍ମୀ ସ୍ୱାଇଁ ବୋଲି ଜଣାପଡିଛି।







କାନାଡାରେ ତାପମାତ୍ରା ହ୍ରାସ ଭାରତରେ ଦୁର୍ବଳ ବୃଷ୍ଟିପାତ

ଉପୁଜିଲା ଲକଡାଉନ ଭଳି ସ୍ଥିତି, ସୁରଟରୁ ଘରମୁହାଁ ହେଲେ ହଜାର ହଜାର ଓଡ଼ିଆ ପ୍ରବାସୀ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।


ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


## ଅପରାଧ ଉପରମୁହାଁ : ଦୁଇ ମାସରେ ୪୩ ଦୁଷ୍କର୍ମ, ୧୫ ହତ୍ୟା ମାମଲା




**ଭୁବନେଶ୍ୱର,୩୧/୦୩ ନ୍ୟୁଜ ବ୍ୟୁରୋ**

କମିଶରେଟ୍ ପୋଲିସ୍‌ରେ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି। ଗତ ଦୁଇ ମାସ ମଧ୍ୟରେ ଟୁଇନ୍ ସିଟିରେ ୪୩ ଜଣ ଦୁଷ୍କର୍ମର ଶିକାର ହୋଇଥିବା ବେଳେ ୧୫ ହତ୍ୟା ଅଭିଯୋଗ ହୋଇଥିବା ପୋଲିସ୍ ରିପୋର୍ଟ କହୁଛି । କଟକ ଅପେକ୍ଷା ଭୁବନେଶ୍ୱରରେ ଅଧିକ ମହିଳା, ଯୁବତୀ ଓ ନାବାଳିକା ବଳାତ୍କାରର ଶିକାର ହୋଇଛନ୍ତି। ଗତ ଜାନୁଆରୀରେ କଟକରେ ୬ ଜଣ ମହିଳା ବଳାତ୍କାରର ଶିକାର ହୋଇଥିବା ନେଇ ବିଭିନ୍ନ ଥାନାରେ ଅଭିଯୋଗ ହୋଇଛି। ଭୁବନେଶ୍ୱରରେ ଏହି ସଂଖ୍ୟା ୧୦ ଥିଲା। ଫେବୃୟାରୀରେ କଟକରେ ୯ ଜଣ ଓ ଭୁବନେଶ୍ୱରରେ ୧୮ ଜଣ ଦୁଷ୍କର୍ମର ଶିକାର ହୋଇଥିଲେ। ଦୁଇ ମାସରେ ୪୩ ଜଣ ଦୁଷ୍କର୍ମ ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୯ ଜଣ ନାବାଳିକା ଥିବା ଜଣାପଡିଛି । ଏ ସବୁ ମାମଲା ମଧ୍ୟରୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର ମାମଲା ଅଧିକ। ସେହିପରି ଦୁଇ ମାସରେ କଟକ ଓ ଭୁବନେଶ୍ୱରେ ୧୫ଟି ହତ୍ୟା ମାମଲା ରୁଜୁ ହୋଇଛି। ଜାନୁଆରୀ ଅପେକ୍ଷା ଫେବୃୟାରୀରେ ଅଧିକ ହତ୍ୟାକାଣ୍ଡ ଘଟିଛି। ଏହି ଦୁଇ ମାସ ଭିତରେ ମାତ୍ର ଗୋଟିଏ ଡକାୟତି ହୋଇଛି, ତା'ପୁଣି ଭୁବନେଶ୍ୱରରେ।

ଚୋରିରେ ଦିନକୁ ଦିନ ନୂଆ ରେକର୍ଡ କରୁଛି ଟ୍ୱିନ୍‌ସିଟି। ଦୁଇ ମାସରେ ୪୧୮ଟି ଚୋରି ହୋଇଛି। ଜାନୁଆରୀରେ ଭୁବନେଶ୍ୱରରେ ୧୬୦ଟି ଓ କଟକରେ ୫୫ଟି ଚୋରି ହୋଇଥିଲା। ଫେବ୍ରୁୟାରୀରେ ଭୁବନେଶ୍ୱରରେ ୧୫୦ଟି ଓ କଟକରେ ୫୩ଟି ଚୋରି ହୋଇଥିବା ନେଇ ବିଭିନ୍ନ ଥାନାରେ ଅଭିଯୋଗ ହୋଇଛି। ଏହି ଦୁଇ ମାସରେ ୫୩ଟି ଲୁଟ୍ ଅଭିଯୋଗ ହୋଇଛି। ୧୭ ସୁନାଚେନ୍ ଲୁଟ୍ ହୋଇଥିବା ବେଳେ ବାକି ମୋବାଇଲ୍ ଓ ଭ୍ୟାନିଟି ଲୁଟ୍ ହୋଇଛି। ସେହିପରି ଟ୍ୱିଇନ୍‌ସିଟିରେ ବଢ଼ିବାରେ ଲାଗିଛି ଠକେଇ ମାମଲା।

ଜାନୁଆରୀରେ ଟ୍ୱିଇନ୍ ସିଟିରେ ୩୨୦ଟି ଠକେଇ ମାମଲା ରୁଜୁ ହୋଇଥିଲା। କଟକରେ ୯୪ଟି ଠକେଇ ମାମଲା ରୁଜୁ ହୋଇଥିବା ବେଳେ ଭୁବନେଶ୍ୱରରେ ଥିଲା ୨୨୬। ଦୁର୍ଘଟଣା ମଧ୍ୟ ଉପର ମୁହାଁ ହୋଇଛି। ଜାନୁଆରୀରେ କଟକ ୟୁପିଡିରେ ୪୧ଟି ଦୁର୍ଘଟଣା ମାମଲା ରୁଜୁ ହୋଇଥିଲା । ଏଥିରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିଲା। ଫେବୃୟାରିରେ କଟକରେ ୩୭ଟି ଦୁର୍ଘଟଣା ଘଟିଥିଲା। ଏଥିରେ ୯ ଜଣଙ୍କ ଜୀବନ ଯାଇଛି। ଜାନୁଆରୀରେ ଭୁବନେଶ୍ୱର ୟୁପିଡିରେ ୮୦ ଦୁର୍ଘଟଣାରେ ୧୨ ଜୀବନ ଯାଇଥିଲା। ଫେବୃୟାରୀରେ ଭୁବନେଶ୍ୱରରେ ୭୧ଟି ଦୁର୍ଘଟଣା ଘଟିଥିଲା। ଏଥିରେ ୧୦ ଜଣଙ୍କ ଜୀବନ ଯାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି।

